ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25
Dumani Khabar (Odia Daily)
Visit us: www.dumanikhabar.in • e-paper.dumanikhabar.in
DUMANI TV
Follow us:

ବର୍ଷ-୬ | ସଂଖ୍ୟା-୯୦ | ରବିବାର | ୨୨ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-90 | Sunday | 22 June 2025 | Bhubaneswar | Pages-8 | Rs. 2.00

### ରାଜ୍ୟରେ ଡାଇରିଆ ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ଡାଇରିଆ ସ୍ଥିତି ନିୟନ୍ତ୍ରଣାଧିନ, ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର,୨୧ ଜୁନ (ହି.ସ)- ରାଜ୍ୟର ଛଅଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତି ଓ ଏହାର ନିୟନ୍ତ୍ରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନ ଠାରେ ସମୀକ୍ଷା କରିଛନ୍ତି। ରାଜ୍ୟରେ ପରିସ୍ଥିତି ବର୍ତମାନ ନିୟନ୍ତ୍ରଣାଧୀନ ଓ ନୂତନ ସଂକ୍ରମିତଙ୍କ ସଂଖ୍ୟା ସମ୍ପୂର୍ଣ୍ଣ ହ୍ରାସ ପାଇଥିବା ନେଇ ବୈଠକରୁ ଜଣାପଡିଛି ଏବଂ ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାରେ ଡାଇରିଆ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ସହିତ ଜନଜୀବନ ସ୍ୱାଭାବିକ ସ୍ଥିତିକୁ ଫେରି ଆସୁଛି। ବୈଠକରେ ସରକାରଙ୍କ ବିଭିନ୍ନ ବିଭାଗର ସମନ୍ୱିତ ପ୍ରୟାସ ଯୋଗୁଁ ଡାଇରିଆ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଛି ଓ ସଂକ୍ରମଣ ଦ୍ରୁତ ହ୍ରାସ ପାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ପରିସ୍ଥିତି ଯେପରି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିବ, ସେଥିପାଇଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠୁ ମେଡ଼ିକାଲ କଲେଜ ଯାଏଁ ଚିକିତ୍ସା ସେବାକୁ ବର୍ତମାନ ପରି ସମନ୍ୱିତ ଭାବରେ କାର୍ଯ୍ୟକ୍ଷମ ରଖିବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ସଚିବ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁଠାରେ ରୋଗର ଆଶଙ୍କା ଅଛି କିନ୍ତୁ କେସ ନାହିଁ, ସେଠାରେ ଆଗୁଆ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହିତ ଦଶହରା ପର୍ଯ୍ୟନ୍ତ ସମସ୍ତ ପ୍ରଭାବିତ ଏବଂ ସମ୍ଭାବ୍ୟ ପ୍ରଭାବିତ ଅଂଚଳ ମାନଙ୍କରେ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ସୂଚନା ଦିଆଯାଇଥିଲା ଯେ, ସମସ୍ତ ଶିକ୍ଷାନୁଷ୍ଠାନରେ ପାନୀୟ ଜଳର ବିଶୋଧନ ପ୍ରକ୍ରିୟା ଚାଲୁରହିଛି। କୌଣସି ସ୍କୁଲରେ ପିଲା ଯେପରି ରୋଗରେ ନପଡନ୍ତି ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ସମସ୍ତ ନିୟମାବଳୀ ପାଳନ କରି ପ୍ରତିରୋଧକ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହା ମଧ କହିଛନ୍ତିଯେ, ଯେଉଁ ବିଭିନ୍ନ ସ୍ଥାନ ମାନଙ୍କରେ ଯେଉଁଠାରେ ଷ୍ଟ୍ରିଟ ଫୁଡ ବିକ୍ରି ହେଉଛି, ସେହି ସ୍ଥାନ ମାନଙ୍କରେ ଖାଦ୍ୟ ପଦାର୍ଥର କଡାକଡି ଯାଞ୍ଚ କରିବା ଆବଶ୍ୟକ ଏବଂ ସେହି ଅଂଚଳ ଗୁଡିକୁ ବିଶୋଧନ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବା ଦରକାର। ସମସ୍ତ ଗାଁ ଗହଳି ଅଂଚଳରେ ନଳକୂପ ଗୁଡିକୁ ବିଶୋଧିତ କରିବା ଏବଂ ସେହି ଅଂଚଳର ପାନୀୟଜଳର ପରୀକ୍ଷା କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ପ୍ରଭାବିତ ଜିଲ୍ଲା ମାନଙ୍କରେ ସମୁଦାୟ ୩୮୯୨ ଜଣ ରୋଗଗ୍ରସ୍ତ ହୋଇଥିବା ବେଳେ ୩୫୪୩ ଜଣ ସୁସ୍ଥ ହୋଇସାରିଛନ୍ତି ଏବଂ ୨୫୪ ଜଣ ଚିକିତ୍ସାଧୀନ ଅଛନ୍ତି। ରାଜ୍ୟ ସାରା ସୂଚନା-ଶିକ୍ଷା- ସଂଚାର (ଓଇଉ) ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମକୁ ଜୋରଦାର ଭାବରେ ଜାରି ରହିଛି । ମିଶନଶକ୍ତି ବିଭାଗ ପକ୍ଷରୁ ଡାଇରିଆ ନିବାରଣ ପାଇଁ ମହିଳା ଏସଏଚଜି ସଦସ୍ୟଙ୍କ ମାଧ୍ୟମରେ ସଚେତନତା ଅଭିଯାନ ଜାରି ରହିଛି କ୍ଷ ଆଶା ଦିଦି, ଅଙ୍ଗନବାଡି କର୍ମୀ, ମହିଳା ଏସଏଚଜି ସଦସ୍ୟାମାନେ ସମସ୍ତ ପରିବାରଙ୍କ ନିକଟରେ ସଚେତନତା ବାର୍ତା ପହଞ୍ଚାଇବା ପାଇଁ ଅଭିଯାନରେ ସକ୍ରିୟ ଭାବରେ ସଂଶ୍ଲିଷ୍ଟ ଅଛନ୍ତି । ଏହି ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ଅଶ୍ୱଥି ଏସ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ସୁରକ୍ଷା ବିଭାଗ, ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ।

### ବିଶାଖାପାଟଣାରେ ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ

## ଯୋଗ ସମଗ୍ର ବିଶ୍ୱକୁ ଏକତ୍ରିତ କରିଛି : ପ୍ରଧାନମନ୍ତ୍ରୀ



ବିଶାଖାପାଟଣା, ୨୧।୬ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ (ଆଇୱାଇଡି) କାର୍ଯ୍ୟକ୍ରମରେ ଉଦବୋଧନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ନେତୃତ୍ୱ ନେଇଥିଲେ ଏବଂ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତ ଏବଂ ବିଶ୍ୱର ଲୋକମାନଙ୍କୁ ଅନ୍ତର୍ଜାତୀୟ ଯୋଗ ଦିବସରେ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ଚଳିତ ବର୍ଷ ଏକାଦଶ ଯୋଗ ଦିବସରେ ସାମୂହିକ ଭାବରେ ଯୋଗ ଅଭ୍ୟାସ କରିବା ପାଇଁ ସାରା ବିଶ୍ୱ ଏକତ୍ରିତ ହୋଇଛି। ଯୋଗର ବିଶେଷତ୍ୱ ହେଉଛି 'ଏକଜୁଟ ହେବା' ଏବଂ ଯୋଗ କିପରି ବିଶ୍ୱକୁ ଏକତ୍ରିତ କରିଛି, ତାହା ହୃଦୟଙ୍ଗମ କରିବା ଉତ୍ସାହଜନକ। ଗତ ଦଶନ୍ଧି ଧରି ଯୋଗର ନିରନ୍ତର ଯାତ୍ରା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମୋଦି ସେହି ମୁହୂର୍ତ୍ତକୁ ମନେ ପକାଇଥିଲେ ଯେତେବେଳେ ଭାରତ ମିଳିତ ଜାତିସଂଘରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ପ୍ରସ୍ତାବ ଦେଇଥିଲା। ସେ ଉଲ୍ଲେଖ କରିଥିଲେ, ୧୭୫ଟି ଦେଶ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ, ଯାହା ବ୍ୟାପକ ବିଶ୍ୱ ଏକତାର ଏକ ଅନନ୍ୟ ଉଦାହରଣ। ଏହି ସମର୍ଥନ କେବଳ ଏକ ପ୍ରସ୍ତାବ ପାଇଁ ନୁହେଁ ବରଂ ମାନବତାର ବୃହତ୍ତର ମଙ୍ଗଳ ପାଇଁ ବିଶ୍ୱର ସାମୂହିକ ପ୍ରୟାସର ନିଦର୍ଶନ ବୋଲି ସେ ଜୋର ଦେଇ କହିଥିଲେ। ପ୍ରଧାନମନ୍ତ୍ରୀ ଆହୁରି ମଧ କହିଥିଲେ, ଏଗାର ବର୍ଷ ପରେ, ଯୋଗ ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ଦିବ୍ୟାଙ୍ଗ ଜନମାନେ ବ୍ରେଲିରେ ଯୋଗ ପାଠ ପଢ଼ିବା ଏବଂ ବୈଜ୍ଞାନିକମାନେ ମହାକାଶରେ ଯୋଗ ଅଭ୍ୟାସ କରିବା ଗୌରବର ବିଷୟ। ଯୋଗ ଅଲିମ୍ପିଆଡରେ ଗ୍ରାମାଞ୍ଚଳର ଯୁବକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣକୁ ମଧ ସେ ଉଲ୍ଲେଖ କରିଥିଲେ। ଶ୍ରୀ ମୋଦି ଗୁରୁତ୍ୱାରୋପ କରି କହିଥିଲେ ଯେ ସିଡନୀ ଅପେରା ହାଉସର ପଦକ୍ଷେପ ହେଉ, ମାଉଣ୍ଟ ଏଭରେଷ୍ଟର ଶିଖର ହେଉ, କିମ୍ବା ସମୁଦ୍ରର ବିଶାଳ ବିସ୍ତୃତି, ସବୁଠି ବାର୍ତ୍ତା ଗୋଟିଏ, 'ଯୋଗ ସମସ୍ତଙ୍କ ପାଇଁ, ଯୋଗ ସୀମା, ପୃଷ୍ଠଭୂମି, ବୟସ ଓ କ୍ଷମତାଠାରୁ ଉର୍ଦ୍ଧ୍ୱରେ।' ବିଶାଖାପାଟଣାରେ ଉପସ୍ଥିତ ଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ସେ ଏହି ସହରକୁ ପ୍ରକୃତି ଏବଂ ପ୍ରଗତିର ସଙ୍ଗମସ୍ଥଳ ଭାବରେ ବର୍ଣ୍ଣନା କରିଥିଲେ। ଶ୍ରୀ ମୋଦି ଏହି କାର୍ଯ୍ୟକ୍ରମର ଉତ୍କୃଷ୍ଟ ଆୟୋଜନ ପାଇଁ ଏଥିରେ ସମ୍ପୃକ୍ତ ଲୋକମାନଙ୍କୁ ପ୍ରଶଂସା କରିଥିଲେ। ସେ ମଧ ଚନ୍ଦ୍ରବାବୁ ନାଇଡୁ ଓ ପବନ କଲ୍ୟାଣଙ୍କୁ ସେମାନଙ୍କର ନେତୃତ୍ୱ ପାଇଁ ଅଭିନନ୍ଦନ ଜଣାଇଥିଲେ। • ପୃଷ୍ଠା ୭ ଦେଖନ୍ତୁ...

## ୨୫ରୁ ଭୁବନେଶ୍ୱରରେ ପର୍ଯ୍ୟଟନ କନକ୍ଲେଭ

ଭୁବନେଶ୍ୱର,୨୧।୬ (ହି.ସ): ଆସନ୍ତା ୨୫ ତାରିଖରେ ଭୁବନେଶ୍ୱରରେ ହେବାକୁ ଯାଉଛି ଷଷ୍ଠ ଓଡିଶା ପର୍ଯ୍ୟଟନ କନକ୍ଲେଭ। ଏନେଇ ଶନିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ହାରୋର ସେକ୍ରେଟାରି ଜେନେରାଲ ମିଲିନ୍ଦ ଗୁପ୍ତା କହିଛନ୍ତି ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରକୁ ସାରା ବିଶ୍ୱ ଦରବାରରେ ପହଞ୍ଚାଇବା ଏହି କନକ୍ଲେଭର ଲକ୍ଷ୍ୟ । ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ବିକାଶ ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ କଣ ସବୁ ପଦକ୍ଷେପ ନିଆଯିବ ସେହି ସମ୍ପର୍କରେ ଆଲୋଚନା କରାଯିବ। ଓଡିଶାକୁ ୨୧ ରାତ୍ରିର ରହଣି ସ୍ଥଳରେ ପରିଣତ କରିବା କନକ୍ଲେଭର ମୂଳ ଉଦେଶ୍ୟ ରହିଛି। ଏଥିରେ ରାଜ୍ୟର ୨୧ଟି ସ୍ଥାନ ଦେଖାଇବାକୁ ଚାହୁଁଛୁ ବୋଲି କହିଛନ୍ତି ଆୟୋଜକ। ଏହା ଦ୍ୱାରା ପର୍ଯ୍ୟଟନ ଅର୍ଥନୀତି ସମୃଦ୍ଧ ହେବ। ଏହି କାର୍ଯ୍ୟକ୍ରମରେ ୫ ଟି ସେସନ ରହିବା ସହ ଟେକନିକାଲ ସେସନ ରହିବ। ଯେଉଁଥିରେ ହୋଟେଲ ଟୁର ଅପରେଟର ସଭାପତି, ସ୍କିଲ ଡେଭଲପମେଂଟ ତଥା ବିଭିନ୍ନ ବର୍ଗର ଷ୍ଟେକ ହୋଲଡର ମାନେ ରହିବେ। କେନ୍ଦ୍ର ମନ୍ତ୍ରୀ ,ସାଂସଦଙ୍କ ସହ ଉପମୁଖ୍ୟ ମନ୍ତ୍ରୀ ଓ ଟୁରିଷ୍ଟ ସେକ୍ଟରେ କାର୍ଯ୍ୟ କରୁଥିବା ବରିଷ୍ଠ ବ୍ୟକ୍ତି ବିଶେଷ ମଧ ଉପସ୍ଥିତ ରହିବେ। ଓଡିଶାକୁ ଏକ ନମ୍ବର ଟୁରିଷ୍ଟ ଡେଷ୍ଟିନେସନ କରିବା ଏହି କନକ୍ଲେଭ ର ମୂଳ ଉଦେଶ୍ୟ। ଓଡ଼ିଶାର ପର୍ଯ୍ୟଟନ ବିକାଶ ଦିଗରେ ପ୍ରସ୍ତାବ ଆସିବ। ଏହାକୁ ସରକାରଙ୍କ ନିକଟରେ ଉପସ୍ଥାପିତ କରାଯିବ। ପର୍ଯ୍ୟଟନର ସବୁ କ୍ଷେତ୍ରକୁ କଭର କରାଯିବ। ପର୍ଯ୍ୟଟନ କ୍ଷେତ୍ର ପାଇଁ ଅଧିକ କେନ୍ଦ୍ରୀୟ ବଜେଟର ସହ ରାଜ୍ୟ ସରକାରଙ୍କ ଭୂମିକାକୁ ପର୍ଯ୍ୟଟନ ଶିଳ୍ପକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରିବାରେ ସହାୟ ହେବ। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ସହ ଭଲ ରାସ୍ତା ଓ ଭିତ୍ତିଭୂମି ରାଜ୍ୟ ପର୍ଯ୍ୟଟନ ସ୍ଥଳୀ କୁ ଆହୁରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସହାୟ ହେବ । ରାଜ୍ୟରେ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି । ସରକାରଙ୍କ ସହଯୋଗ ସହ ଦ୍ୱାରା ଆଗାମୀ ଦିନରେ ଏହି ।ଶିଳ୍ପର ପ୍ରଚାର ପ୍ରସାର ସହ ପର୍ଯ୍ୟଟକଙ୍କୁ ଓଡ଼ିଶା ଆସିବାକୁ ଆକୃଷ୍ଟ କରିବ। କେବଳ ଭୁବନେଶ୍ୱର ,କଟକ ନୁହେଁ, ପଶ୍ଚିମ ଓଡିଶା ଦକ୍ଷିଣ ଓଡିଶାକୁ ଫୋକସ ହେବା ଦରକାର। ପୁରୀ, କୋଣାର୍କ, ଚିଲିକା ଉପରେ ଫୋକସ ରହୁଛି କିଭଳି ରାଜ୍ୟର ଅନ୍ୟ ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ସେହି ଦିଗରେ ମଧ ଆଲୋଚନା କରାଯିବ । ରାଜ୍ୟର ମନ୍ଦିର ଟୁରିଜିମ ବିକାଶ ହେବା ଦରକାର ବୋଲି କୁହାଯାଇଛି।

### ଭୁବନେଶ୍ୱରରେ ଅନ୍ତର୍ଜାତୀୟ ଯୋଗ ଦିବସ

## ସାମିଲ ହେଲେ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରାୟ ୧୫,୦୦୦ ଜନତା



ଭୁବନେଶ୍ୱର, ୨୧।୬ (ହି.ସ): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶନିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଭାରତର ଏକ ମହାର୍ଘ୍ୟ ଉପହାର ବୋଲି କହିଛନ୍ତି। ଏହି ଅବସରରେ ଭିଡିଓ କନଫରେନସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଇଜାଗ ଠାରୁ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗ କେବଳ ଏକ ବ୍ୟାୟମ କିମ୍ବା ଯୋଗକୁ କିଛି ଆସନ ମଧ୍ୟରେ ସୀମିତ ରଖିବା ଉଚିତ ନୁହେଁ। ଶାରୀରିକ ବ୍ୟାୟମ ଠାରୁ ଏହାର ସ୍ଥାନ ବହୁତ ଉଚ୍ଚରେ। ଯୋଗ ହେଉଛି • ପୃଷ୍ଠା ୭ ଦେଖନ୍ତୁ...

## ମହାପ୍ରଭୁଙ୍କୁ ଲାଗି ହେଲା ଦଶମୂଳ ମୋଦକ

ପୁରୀ, ୨୧।୬ (ଡିକେ ନ୍ୟୁଜ): ଅଣସର ଘରେ ମହାପ୍ରଭୁଙ୍କୁ ସୁସ୍ଥତା ପାଇଁ ଚାଲିଛି ଗୁପ୍ତସେବା। ପରମ୍ପରା ଅନୁଯାୟୀ ଶ୍ରୀବିଗ୍ରହମାନଙ୍କ ଚକାବିଜେ ପରେ ଏକାଦଶୀ ତିଥିରେ 'ଦଶମୂଳ' ମୋଦକ ମହାପ୍ରଭୁଙ୍କୁ ଲାଗି ହୋଇଛି। ରାଜବୈଦ ଏହି ଦଶମୂଳ ମୋଦକ ପ୍ରସ୍ତୁତ କରିଛନ୍ତି। ଦଇତାପତି ସେବକମାନେ ଅଣସରକାଳୀନ ଗୁପ୍ତନୀତି ସଂପାଦନ କରୁଛନ୍ତି। ଏକବସ୍ତ୍ର ହୋଇ ଅଣସର ବାସଠାରୁ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ଉଲ୍ଲେଖଯୋଗ୍ୟ ମହାପ୍ରଭୁଙ୍କ ସଂପୂର୍ଣ୍ଣ ସୁସ୍ଥତା ପାଇଁ ଗଜପତି ମହାରାଜାଙ୍କ ନିର୍ଦ୍ଦେଶକ୍ରମେ ରାଜବୈଦ ଦଶମୂଳ ମୋଦକ ପ୍ରସ୍ତୁତ କରି ଦଶମୀ ତିଥିରେ ଶ୍ରୀମନ୍ଦିରକୁ ଆଣିଥାନ୍ତି। ତାଳଚୂର୍ଣ୍ଣ, ଗମ୍ଭାରୀ, ବଲ୍ଲ, ପଣପଣା, ଗୋଖରା ଆଦି ଚୂର୍ଣ୍ଣ କରି ସେଥିରେ ଖୁଆ, ଘିଆ ମହୁ ଆଦି ଗୋଳାଇ ଏହି ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇଥାଏ। ଆଉ ଏହି ମୋଦକକୁ ଏକାଦଶୀଦିନ ପତି ମହାମାତ୍ରସେବକ ମହାପ୍ରଭୁଙ୍କୁ ସମର୍ପିଥାନ୍ତି। ଏହି ଦଶମୂଳ ସେବନ ପରେ ମହାପ୍ରଭୁ ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇଥାନ୍ତି। ଦ୍ୱାଦଶ ଦିନ ମହାପ୍ରଭୁଙ୍କ ସୁସ୍ଥ ହେବା ଖବରଗଜପତି ମହାରାଜଙ୍କୁ ପ୍ରଦାନ କରାଯାଇଥାଏ। ଏହାପରେ ପ୍ରଥମ କରି ଅଣସରରେ • ପୃଷ୍ଠା ୭ ଦେଖନ୍ତୁ...




## ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟା; ଭୋକ ଉପାସରେ ଲୋକେ



ଚନ୍ଦନେଶ୍ୱର, ୨୧।୬ (ହି.ସ) : ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ପରେ ଭୋଗରାଇ ବ୍ଲକର ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ହଜାର ହଜାର ଲୋକ ପ୍ରଭାବିତ ହୋଇଛନ୍ତି। କୁଲ୍ହା, ପନ୍ତେଇ, ଆରୁହାବୃତ୍ତି, ମନୁନଗର, ଖୋଲାବାଡ଼ିଆ ଆଦି ଗ୍ରାମରେ ଘରେ ବନ୍ୟା ଜଳ ପଶି ଆସବାବପତ୍ର ଭାସି ଯାଇଥିବାବେଳେ ଦୁଇ ଦିନ ହେବ ଘର ଛାତ ଉପରେ ଧାନକୁ ସୁରକ୍ଷିତ ରଖି ଅଖିଆ ଅପିଆ ବସିଛନ୍ତି ପରିବାର ଲୋକେ। ଗତ ଦୁଇ ଦିନ ହେବ ଏପରି ସ୍ଥିତି ଥିବାବେଳେ ଏ ପର୍ଯ୍ୟନ୍ତ କୌଣସି ଏକ ବୋଟର ସୁବିଧା ନାହିଁ, ଏପରିକି ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଶୁଖିଲା ଖାଦ୍ୟ କିଛି ବି ଏ ପର୍ଯ୍ୟନ୍ତ ବନ୍ୟା ବିପନ୍ନଙ୍କ ପାଖରେ ପହଂଚି ପାରିନାହିଁ। ସେପଟେ ଭୋଗରାଇ ବ୍ଲକ ଖାଳଝରି ସୁଇଚ ଗେଟରେ ଫାଟ। ୩ଟି ଗେଟ ଦେଇ ବାହାରୁଛି ପ୍ରବଳ ପାଣି। ସମ୍ପୂର୍ଣ୍ଣ ଭାଙ୍ଗିଲେ ଭୋଗରାଇରେ ୧୮ଟି ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯିବ। ଗେଟରେ ଫାଟ ଦେଖି ଲୋକ ଛାନିଆ ଥିବାବେଳେ ଦୀର୍ଘ ସମୟ ପାଣି ବାହାରିଲେ ମଧ ଜଳସେଚନ ବିଭାଗ ଏ ପର୍ଯ୍ୟନ୍ତ ପାଣି ରୋକିବାରେ ବିଫଳ ହୋଇଛି। ସୁଇଚ ଗେଟ ସମ୍ପୂର୍ଣ୍ଣ ଭାଙ୍ଗିଲେ ୧୮ଟି ପଞ୍ଚାୟତର ଲୋକେ ପୁଣି ବନ୍ୟା ଜଳରେ ପ୍ରଭାବିତ ହେବେ। ଶହ ଶହ ପରିବାର ଏଭଳି ଅବସ୍ଥାରେ ଜୀବନ ଅତିବାହିତ କରୁଥିବାବେଳେ କିଛି ପରିବାର ନଦୀ ବନ୍ଧ ଉପରେ ନିଜର ଛୁଆ ପିଲା ଗୃହ ପାଳିତ ପଶୁକୁ ନେଇ ଏକ ତମ୍ବୁ ମାରି ଅପରିଷ୍କାର ଜାଗାରେ ରାନ୍ଧି ଖାଦ୍ୟ ଖାଉଛନ୍ତି। ରାଜ୍ୟରେ ଝାଡ଼ା ବାନ୍ତି ବ୍ୟାପି ଥିବାର ଡର ଓ ସରିସୃପର ଡର ଥିଲେ ମଧ ନିଜ ଜୀବନକୁ ବାଜି ଲଗାଇ ନଦୀ ବନ୍ଧ ଉପରେ ଜୀବନ କାଟୁଛନ୍ତି ଶହଶହ ପରିବାର। ସୂର୍ଯ୍ୟର ଆଲୋକରେ ଦିନ ବେଳା ଶାନ୍ତିରେ ଲୋକେ ଥିବାବେଳେ ରାତିର କିଟିମିଟି ଅନ୍ଧାରରେ କେମିତି ଘର • ପୃଷ୍ଠା ୭ ଦେଖନ୍ତୁ...

## ଆକାଶରେ ଫାଟିଲା ହଟ ଏୟାର ବେଲୁନ, ୮ ମୃତ



ବ୍ରାଜିଲ,୨୧।୬ (ହି.ସ): ବ୍ରାଜିଲରେ ଏକ ହୃଦୟବିଦାରକ ଦୁର୍ଘଟଣା ଘଟିଛି। ବ୍ରାଜିଲର ଦକ୍ଷିଣ ରାଜ୍ୟ ସାଣ୍ଟା କାଟାରିନାରେ ଏକ ହଟ ଏୟାର ବେଲୁନରେ ମଝି ଆକାଶରେ ନିଆଁ ଲାଗିଗଲା। ଏହି ଭୟଙ୍କର ଦୁର୍ଘଟଣାରେ ଅତି କମରେ ୮ ଜଣଙ୍କର ମୃତ୍ୟୁ ଘଟିଛି। ସେହି ସମୟରେ, ଅନ୍ୟ ୧୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଭୟଙ୍କର ଦୁର୍ଘଟଣା ଶନିବାର (ଜୁନ ୨୧, ୨୦୨୫) ବ୍ରାଜିଲର ଦକ୍ଷିଣ ରାଜ୍ୟ ସାଣ୍ଟା କାଟାରିନାରେ ଘଟିଥିଲା, ଯେତେବେଳେ ହଟ ଏୟାର ବେଲୁନଟି ଆକାଶର ଉଚ୍ଚତାରୁ ୨୧ ଜଣଙ୍କ ଏକ ଗ୍ରୁପକୁ ଏକ ସୁନ୍ଦର ଦୃଶ୍ୟ ଦେଖାଇବା ପାଇଁ ଉଡ଼ାଣ ଭରିଥିଲା। ତଥାପି, ଏହି ରୋମାଞ୍ଚକର ଯାତ୍ରା ଏହି ସମସ୍ତ ଲୋକଙ୍କ ପାଇଁ ଏକ ଭୟଙ୍କର ଦୁର୍ଘଟଣା ପାଲଟିଥିଲା। ସେହି ସମୟରେ, ଏହି ଘଟଣାର ଭିଡିଓ ମଧ ସୋସିଆଲ ମିଡିଆରେ କ୍ରମଶଃ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ ବେଲୁନରେ ନିଆଁ ସ୍ପଷ୍ଟ ଭାବରେ ଦେଖାଯାଉଛି। ଏହା ବ୍ୟତୀତ, ଭିଡିଓରେ ଜଳିଯାଇଥିବା ବେଲୁନରୁ କିଛି ପଡ଼ିଥିବା ଦେଖାଯାଉଛି। ରାଜ୍ୟ ଅଗ୍ନିଶମ ବିଭାଗକୁ ଉଲ୍ଲେଖ କରି • ପୃଷ୍ଠା ୭ ଦେଖନ୍ତୁ...



## ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର: ପ୍ରିମିୟମ୍ ଓ ଟୋନ୍ଡ୍ କ୍ଷୀର ଲିଟର ୨ ଟଙ୍କା ବୃଦ୍ଧି




**ଭୁବନେଶ୍ୱର, (ଡିକେ ନ୍ୟୁଜ):** ଓମ୍ଫେଡ୍ କ୍ଷୀର ଦର ବଢ଼ାଯାଇଛି। ଖାଉଟିମାନେ ଲିଟର ପିଛା ୫୨ ଟଙ୍କା ଦେଉଥିଲା ବେଳେ ଏବେ ୫୪ ଟଙ୍କା ଦେବେ। ଆଜିଠାରୁ ଓମଫେଡ୍ କ୍ଷୀର ଲିଟର ପ୍ରତି ଦାମ୍ ବୃଦ୍ଧି ପାଇଛି ଓ ବଜାରକୁ ଆସିଛି ଓମଫେଡର ନୂଆ ଦର ପ୍ରିମିୟମ୍ ଓ ଟୋନ୍ଡ୍ କ୍ଷୀର ଲିଟର ୨ ଟଙ୍କା ବୃଦ୍ଧି ପାଇ ଥିବାବେଳେ ଗୋଲ୍ଡ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ବାସ୍ତବରେ ବିଶ୍ୱ ଦୁଗ୍ଧ ଦିବସ ପାଳନ ଅବସରରେ କ୍ଷୀର ମୂଲ୍ୟ ବଢ଼ିବ ବୋଲି କୁହାଯାଇଥିଲା, କିନ୍ତୁ ସେତେବେଳେ ଏହା ବଢିନଥିଲାୟ ମୁଖ୍ୟମନ୍ତ୍ରୀ ସେତେବେଳେ କହିଥିଲେ ଯେ କ୍ଷୀର ଲିଟର ପିଛା ୪ ଟଙ୍କା ବାଯାଉଛି। କିନ୍ତୁ ଖାଉଟିମାନଙ୍କ ଉପରେ ଏହି ବର୍ଦ୍ଧିତ ଦର ଲଦି ଦିଆଯିବ ନାହିଁ। ଏଥିରୁ ୨ ଟଙ୍କା ସରକାର ବହନ କରିବେ। ଖାଉଟିମାନେ ଲିଟର ପିଛା ଅଧିକ ଦୁଇ ଟଙ୍କା ଦେଇ କ୍ଷୀର କିଣିବେ। ତେବେ ସେତେବେଳେ ଓମ୍ଫେଡ୍ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇ କହିଥିଲେ ଯେ ଏହି ବର୍ଦ୍ଧିତ ଦର ତତ୍କାଳ ଲାଗୁ ହେବ ନାହିଁ। ଓମଫେଡ୍‌ର ସମସ୍ତ ସମବାୟ ସମିତି ଓ କମିଟିର ବୈଠକ ପରେ ଆବଶ୍ୟକତାକୁ ନଜରରେ ରଖି କ୍ଷୀର ଦର ବୃଦ୍ଧି ହେବ ବୋଲି ଓମ୍ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଥିଲେ। ଆଉ ଆଜିଠାରୁ ଏହି ନୂଆ ମୂଲ୍ୟ ଲାଗୁ ହୋଇଛି। ଉଲ୍ଲେଖ ଥାଉ କି ୨୦୨୪-୨୫ ଆର୍ଥିକ ବର୍ଷରେ ଓମଫେଡ୍ ସର୍ବକାଳୀନ ରେକର୍ଡ ପରିମାଣର କାରବାର କରିଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ସଂସ୍ଥା ୮୫୫ କୋଟି ଟଙ୍କାର କାରବାର କରିଥିବା ବେଳେ ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ୧୦୨୮ କୋଟି ଟଙ୍କାର କାରବାର କରିଥିଲା। ଅର୍ଥାତ ଗତ ଆର୍ଥିକ ବର୍ଷରେ ୧୭୦ କୋଟି ଟଙ୍କା ଅଧିକ କାରବାର କରିଥିଲା।

## ବେଦାନ୍ତ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସରେ ବୃକ୍ଷରୋପଣ



**ମୁନିଗୁଡା, (ଡିକେ ନ୍ୟୁଜ୍):** ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ସୀମାନ୍ତ ଲାଞ୍ଜିଗଡ ବେଦାନ୍ତ ଆଲୁମିନା ପ୍ରକଳ୍ପ ପରିସରରେ ଆଇପିଆରସିଏଲ, ବେଦାନ୍ତ ଏବଂ ଟିଟିଆଇପିଏଲ ଦ୍ୱାରା ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ (ହରି ଯୋଗା) ଚାରା ରୋପଣ କରାଯାଇଛି। ବେଦାନ୍ତ ଆଲୁମିନା ପ୍ରକଳ୍ପ ଏଏମ ଅମିତ କୁମାରଙ୍କ ସହ ସେମାନଙ୍କ ସମସ୍ତ କର୍ମଚାରୀ, ଆଇପିଆରସିଏଲର ଆରସିଏମ ବିଜୟ କୁମାର ଓ ତାଙ୍କ ଟିମ, ଟିଟିଆଇପିଏଲ କମ୍ପାନୀର ଡିଜିଏମଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିବା ସହ ଲାଞ୍ଜିଗଡ ସାଇଡ ବେଦାନ୍ତ ଆଲୁମିନା ପ୍ରକଳ୍ପ ପରିସରରେ ଚାରା ରୋପଣ କରିଥିଲେ।

## ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ




**ଅନୁଗୁଳ,(ଡିକେ ନ୍ୟୁଜ୍) :** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ପକ୍ଷରୁ ଅନୁଗୁଳ ପ୍ଲାଣ୍ଟଏବଂ ଏହାର ଆଖପାଖ ଅଂଚଳର ଲୋକଙ୍କୁ ନେଇ ବେଶ ଉତ୍ସାହର ସହ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଚଳିତବର୍ଷର ବିଷୟବସ୍ତୁ ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'' ଉପରେ ପର୍ଯ୍ୟବେଶିତ ହୋଇଥିବା ଏହି କାର୍ଯ୍ୟକ୍ରମ, ବ୍ୟକ୍ତିଗତ କଲ୍ୟାଣ ଓ ସମଗ୍ର ବିଶ୍ୱର ସ୍ୱାସ୍ଥ୍ୟ ଉପରେ କେନ୍ଦ୍ରୀତ ହୋଇଥିଲା। ଯାହା ଜେଏସପିର ଚିରସ୍ଥାୟୀ ବିକାଶ ଏବଂ ସାମଗ୍ରିକ ଜୀବନଯାପନର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଥିଲା। ଏହି ଅବସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଜେଏସପିର କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ, ଶ୍ରମିକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଂଚଳର ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ନଗରଠାରେ ଅନୁଷ୍ଠିତ ହୋଇଥିବା ଯୋଗ ଶିବିରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଅନୁଗୁଳ ପ୍ଲାଂଟ ମୁଖ୍ୟ ପଙ୍କଜ ମଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲ୍ଲୀପ ସିହ୍ନା, ଷ୍ଟିଲ୍ ଜୋନର ସଭାପତି ଅତୁଲ ଦୁବେ, ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ ନିକଟବର୍ତ୍ତୀ ସମ୍ପ୍ରଦାୟର ପ୍ରତିନିଧିମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ମାର୍ଗଦର୍ଶନରେ ଯୋଗର ବିଭିନ୍ନ ଆସନ କରାଯାଇଥିଲା। ଏଥିରେ ଶାରୀରିକ ଶକ୍ତି, ମାନସିକ ଶକ୍ତି ପାଇଁ ଅବାଶ୍ୟକ କୌଶଳ ସମେତ ପ୍ରକୃତି ସହ ସମନ୍ୱୟ ରକ୍ଷାକରି କିଭଳି ଯୋଗ ଆସନ ସବୁ କରାଯାଇପାରିବ ସେ ସମ୍ପର୍କରେ ଅବଧାରଣା ଦିଆଯାଇଥିଲା। ଏହି ଅବସରରେ ପଙ୍କଜ ମଲହାନ କହିଥିଲେ, ସ୍ୱାମୀ ସତ୍ୟବିନ୍ଦୁ ଜୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଯୋଗ ଶିବିର ବର୍ତ୍ତମାନ ଆମର ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଇଛି। ଏହିବର୍ଷର ବିଷୟବସ୍ତୁ ଆମକୁ ମନେ ପକାଇ ଦିଏ ଯେ, ଆମର ସ୍ୱାସ୍ଥ୍ୟର ଯତ୍ନ ନେବା ଭଳି ଆମକୁ ପୃଥିବୀର ଯତ୍ନ ମଧ୍ୟ ନେବା ଦରକାର। ଆସନ୍ତୁ ଏହି ବାର୍ତ୍ତାକୁ ଆଜିଠାରୁ ଆଗେଇ ନେବା ଏବଂ ଏହାକୁ ଆମର ଦୈନନ୍ଦିନ ଜୀବନରେ ସାମିଲ କରିବା। ଏକତ୍ରିତ ହୋଇଥିବା ସମସ୍ତ ଯୋଗପ୍ରେମୀଙ୍କୁ ସମ୍ବୋଧନ କରି ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ କହିଥିଲେ, ଆମେମାନେ ଭାଗ୍ୟବାନ ଯେ, ନବୀନ ଜିନ୍ଦଲ ଜୀଙ୍କ ଭଳି ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ପାଇଛୁ, ଯିଏ ସ୍ୱାସ୍ଥ୍ୟ ଏବଂ ଜନକଲ୍ୟାଣକୁ ପ୍ରୋତ୍ସାହନ କରିବାରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପ୍ରତିଦିନ ଯୋଗ ଅଭ୍ୟାସ କରି ଆମେ କେବଳ ଆମର ଶରୀର ଏବଂ ମନକୁ ଶକ୍ତଶାଳୀ କରୁ ନାହୁଁ ବରଂ ଏକ ସନ୍ତୁଳିତ ଓ ସୁସ୍ଥ ବିଶ୍ୱ ଗଠନରେ ମଧ୍ୟ ଯୋଗଦାନ ଦେଉଛୁ। ଆସନ୍ତୁ ଏହି ସମ୍ପର୍କକୁ ସମ୍ମାନ ଦେବା ଏବଂ ନିୟମିତ ଯୋଗ ଅଭ୍ୟାସ ପାଇଁ ପ୍ରତିବଦ୍ଧ ହେବା। କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ଦାମୋଦର ମିତ୍ତଲ କହିଥିଲେ, ଆମେ ଜଣେ ଉତ୍ସର୍ଗୀକୃତ ଯୋଗଗୁରୁ ପାଇ କୃତଜ୍ଞ ଯେ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଜୀଙ୍କ ମାର୍ଗଦର୍ଶନରେ ଆମର କର୍ମଚାରୀ ମାନେ ଯେ, କେବଳ ଫିଟ୍ ଏବଂ ସୁସ୍ଥ ହୋଇଛନ୍ତି ତାହାନୁହେଁ ଆଜି ସେମାନେ ଯୋଗର ଏକ ବାର୍ତ୍ତା ବାହକ ଭାବେ କାର୍ଯ୍ୟକରୁଛନ୍ତି ଏବଂ ସେମାନେ ସେମାନଙ୍କ ନିକଟ ସମ୍ପର୍କୀୟ ଏବଂ ସଂପ୍ରଦାୟର ବହୁ ଲୋକଙ୍କୁ ଯୋଗର ଉପକାରିତା ବିଷୟରେ ବୁଝାଇବାରେ ସକ୍ଷମ ହୋଇପାରିଛନ୍ତି। ଓ.ପି ଜିନ୍ଦଲ ସ୍କୁଲ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ, ଜିନ୍ଦଲ ଆଶା, ଜନଜୀବିକା କେନ୍ଦ୍ର, ଶ୍ରମ ବୀର ପ୍ୟାଲେସ ଏବଂ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନ୍ୟାନ୍ୟ ସମ୍ପ୍ରଦାୟ କେନ୍ଦ୍ରଗୁଡ଼ିକରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଛି। ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗର ବାର୍ତ୍ତା ନେଇ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜୀବିକା କେନ୍ଦ୍ରରେ ଔଷଧୀୟ ବୃକ୍ଷ ମଧ୍ୟ ରୋପଣ କରାଯାଇଥିଲା।

## ଜେଏସଡବ୍ଲୁ ଖଣିରେ ଅନ୍ତର୍ଜାତୀୟ ଯୋଗ ଦିବସ



**କୋଇଡା, (ଡିକେ ନ୍ୟୁଜ):** ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସାରା ଦେଶ ଓ ପୃଥିବୀରେ ଯୋଗ ଦିବସ ପାଳନ ହେଉଛି ଓ ଏହି ଅବସରରେ କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ନାରାୟଣପୋଷି ସ୍ଥିତ ଜେଏସଡବ୍ଲ୍ୟୁ ଖଣି ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବରେ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ ର ଭୁବନେଶ୍ୱର ରିଜିଓନାଲ କଣ୍ଟ୍ରୋଲର ଅରୁଣ କୁମାର ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଓ ଜେଏସଡବ୍ଲ୍ୟୁ ଷ୍ଟିଲ ଓଡିଶା ମାଇନିଙ୍ଗ ବିଭାଗର ମାନବ ସମ୍ବଳ ମୁଖ୍ୟ ଚିତ ରଞ୍ଜନ ବାହିନୀପତି,ଫାଇନାନ୍ସ ବିଭାଗ ର ମୁଖ୍ୟ ଅଂକୁର ଦୋକାନିଆ, ପରିବେଶ ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଭାଗ ମୁଖ୍ୟ ବିଜୟ କୁମାର, ସିକ୍ୟୁରିଟି ବିଭାଗ ର ମୁଖ୍ୟ ସଂଜୀବ ଚୌଧୁରୀ ଲଜିଷ୍ଟିକ ବିଭାଗ ର ଜେନେରାଲ ମ୍ୟାନେଜର ସଂଗ୍ରାମ ଗଡନାୟକ ନାରାୟଣପୋଷି ଖଣି ପରିଚାଳକ ତପନ ରଥ ପ୍ରମୁଖ ଯୋଗଦାନ କରିଥିଲେ ଓଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ ଲିଭିଂ ଅର୍ଗନାଇଜେସନ ଭୁବନେଶ୍ୱରରୁ ଆସିଥିବା ଯୋଗଗୁରୁ ଉପସ୍ଥିତ ଥିବା ଶତାଧିକ ଖଣି କର୍ମଚାରୀ ମାନଂକୁ ଯୋଗଶିକ୍ଷା ପ୍ରଦାନ କରିଥିଲେ ଓ ଏକ ସୁସ୍ଥ ସମାଜ ର ଗଠନ ପାଇଁ ଯୋଗ ଏକାନ୍ତ ଆବଶ୍ୟକ ଓ ଯୋଗକୁ ଦୈନନ୍ଦିନ ଜୀବନ ର ଅଂଶ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟ ଅତିଥି ଅରୁଣ କୁମାର ମତ ପ୍ରକାଶ କରିଥିଲେ ଓ ପରିଶେଷରେ ନାରାୟଣପୋଷି ଖଣି ପରିଚାଳକ ତପନ ରଥ ଭୋଟ ଅଫ ଥ୍ୟାଙ୍କସ ସହ କାର୍ଯ୍ୟକ୍ରମକୁ ସମାପନ କରିଥିଲେ।

## ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ




**ଟିକିରି, (ଡିକେ ନ୍ୟୁଜ):** ଆଦିତ୍ୟ ଅଲୁମିନା ରିଫାଇନେରୀ, କଂସାରିଗୁଡ଼ା ପକ୍ଷରୁ ଆଜି 'ଏକ ସ୍ୱାସ୍ଥ୍ୟ ଓ ପୃଥିବୀ ପାଇଁ ଯୋଗ' ବିଷୟବସ୍ତୁକୁ ନେଇ ଉତ୍ସାହର ସହ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରରେ କର୍ମଚାରୀ, ସ୍ଥାନୀୟ ଗ୍ରାମବାସୀ ତଥା ଅନ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ମୁଖ୍ୟ ତଥା ଅଧକ୍ଷ ମଜହର୍ ବେଗଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମହାଡମ୍ବରରେ ପାଳିତ ହୋଇଥିବାବେଳେ ଆଦିତ୍ୟ ଅଲୁମିନା ରିଫାଇନେରୀର ସମସ୍ତ କର୍ମଚାରୀ, ସମୁଦାୟ ନେତାମାନେ ଓ ସ୍ଥାନୀୟ ଲୋକେ ଅଂଶଗ୍ରହଣ କରିଥିଲେ। ଯୋଗ ଓ ଏହାଦ୍ୱାରା ସମଗ୍ର ସ୍ୱାସ୍ଥ୍ୟ ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଆସନ ପେଷାଦାର ଶିକ୍ଷକ ବିଶ୍ୱବ ବାଘ ନେତୃତ୍ୱ କରିଥିବାବେଳେ ବିଭିନ୍ନ ଯୋଗ ଆସନ ଓ ଶ୍ୱାସ-ପ୍ରଶ୍ୱାସ ପ୍ରଣାଳୀ ମାଧ୍ୟମରେ ଯୋଗ ସମ୍ପର୍କିତ ଶିକ୍ଷା ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ ଏବଂ ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ ସୁସ୍ଥ ସ୍ୱାସ୍ଥ୍ୟ, ସୁସ୍ଥ ପୃଥିବୀ ପାଇଁ ଯୋଗ ସମ୍ପର୍କରେ ଶ୍ରୀ ବାଘ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଯୋଗ ଶିକ୍ଷାରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଦୈନିକ ଜୀବନରେ ଯୋଗକୁ ଆପଣାଇ ଶାରୀରିକ ସୁସ୍ଥ ଓ ମାନସିକ ଶାନ୍ତି ହାସଲ ପାଇଁ ପ୍ରେରିତ କରିଥିଲେ। ସମ୍ପ୍ରତି ଯୋଗ ଶିକ୍ଷା କାର୍ଯ୍ୟକ୍ରମ ଆଦିତ୍ୟ ଅଲୁମିନା ରିଫାଇନେରୀର ସମଗ୍ର ସ୍ୱାସ୍ଥ୍ୟ ଓ ସ୍ଥାନୀୟ ସମୁଦାୟ ସହିତ ସଂଘଟିତ ସମ୍ପର୍କ ଗଢ଼ିବା ନେଇ ଦୃଢ଼ ସଙ୍କଳ୍ପକୁ ପ୍ରଦର୍ଶିତ କରିଛି।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକ ସମ୍ମିଳନୀ




**ବାରିପଦା, (ଡିକେ ନ୍ୟୁଜ୍):** ଦେଶର ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱରଠାରେ ଏକ ବୃହତ୍ତ ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର ୧୮ଟି ଶାଖାର ଗ୍ରାହକମାନେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଣା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ବାରିପଦା ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ କମଲେଶ ରଞ୍ଜନ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଏଥିରେ ବ୍ୟାଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାରର ଋଣ ଓ ଯୋଜନାରୁ ଗ୍ରାହକମାନେ କିପରି ଲାଭ ଉଠାଇପାରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିବା ସହ ଉନ୍ନତମାନର ଗ୍ରାହକ ସେବା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ବ୍ୟାଙ୍କ ତରଫରୁ ଏହିପରି ଗ୍ରାହକଉନ୍ମୁଖୀ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି ଆଞ୍ଚଳିକ ପ୍ରବନ୍ଧକ କମଲେଶ ରଞ୍ଜନ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟି ଉପ-ଆଞ୍ଚଳିକ ପ୍ରବନ୍ଧକ ନିଶ୍ଚିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଏସ୍ଏମ୍ୟୁଇସି ବାଲେଶ୍ୱର ପକ୍ଷରୁ ପରିଚାଳନା କରାଯାଇଥିଲା।

## ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସର ସାମାଜିକ ମୂଲ୍ୟବୋଧତା

**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ମୋଟର ଯାନ ଦୁର୍ଘଟଣାରେ ମୃତ କିମ୍ବା ଆଘାତପ୍ରାପ୍ତ ଲୋକଙ୍କୁ ଶିଘ୍ର ଅନୁକମ୍ପା ରାଶି ପ୍ରଦାନ ପାଇଁ ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଏକ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି। କମନ ମେକାନିଜିମ ଫର କମ୍ପ୍ରମାଇଜ୍ଡ ସେଟେଲମେଣ୍ଟ ଅଫ୍ ଟିପି କେସେସ୍ (ସିଏମ୍ସିଏସ୍‌ଟିପିସି)ନାମକ ଯୋଜନାରେ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ କମିଟି ତିଆରି ହୋଇଛି। ଅବସରପ୍ରାପ୍ତ ଜଷ୍ଟିସ ଦେବବ୍ରତ ଦାସ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରଫେସର ବସନ୍ତ କୁମାର ବେହେରା ଓ ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସର ଅବସରପ୍ରାପ୍ତ ଉପ-ମହାପ୍ରବନ୍ଧକ ପିତାମ୍ବର ଜେନା ଆଦି ପ୍ରଥମ ଅଧିବେସନକୁ ଉନ୍ମୋଚନ କରିଛନ୍ତି। କମ୍ପାନୀର ମହାପ୍ରବନ୍ଧକ ରାଜୀବ ଗୁପ୍ତା ଅଧିବେସନ ଆୟୋଜନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓରିଏଣ୍ଟାଲ ଇନ୍ସ୍ୟୁରାନ୍ସ କମ୍ପାନୀର ଉପ-ମହାପ୍ରବନ୍ଧକ ଯଦୁନାଥ ସେଠୀ ଆଜିର ପ୍ରଥମ ଅଧିବେସନରେ ୧୬ଟି ମୋଟର ଯାନ ଦୁର୍ଘଟଣା କେସ୍‌ର ଆପୋଷ ବୁଝାମଣା କରିଥିଲେ।



## ବାୟୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଦିଲ୍ଲୀରେ ୧ ଜୁଲାଇରୁ ସରକାରଙ୍କ ନୂଆ ନିୟମ ଲାଗୁ

**ନୂଆଦିଲ୍ଲୀ,(ହି.ସ):** ଦିଲ୍ଲୀ ସରକାର ବାୟୁ ପ୍ରଦୂଷଣ ହ୍ରାସ କରିବା ପାଇଁ ନେଉଛନ୍ତି ଅନେକ ପଦକ୍ଷେପ। ଏହାରି ମଧ୍ୟରେ ସରକାର ଡ୍ରାଇଭରମାନଙ୍କ ପାଇଁ ଆଉ ଏକ କଠୋର ନିୟମ ଲାଗୁ କରିଛନ୍ତି। ଜୁଲାଇ ୧ ରୁ ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଏବଂ ୧୫ ବର୍ଷରୁ ପୁରୁଣା ପେଟ୍ରୋଲ ଗାଡ଼ିକୁ ଇନ୍ଧନ ନ ଦିଆଯିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମ ଦିଲ୍ଲୀ-ଏନସିଆରରେ ପଞ୍ଜିକୃତ ସମସ୍ତ ଗାଡ଼ି ପାଇଁ ପ୍ରଯୁଜ୍ୟ ହେବ। ସରକାର ୫୦୦ରୁ ଅଧିକ ପେଟ୍ରୋଲ ପମ୍ପରେ ଇଘଚଜ କ୍ୟାମେରା ଲଗାଇଛନ୍ତି। ଯାହା ପୁରୁଣା ଗାଡ଼ି ଚିହ୍ନଟ କରିବ। ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାୟୁ ଗୁଣବତ୍ତା ଉନ୍ନତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଶୁକ୍ରବାର ଦିନ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ ସ୍ପଷ୍ଟ କରିଛି ଯେ, ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରିଥିବା ଯେ କୌଣସି ଯାନ ୧ ଜୁଲାଇରୁ ଦିଲ୍ଲୀରେ ଇନ୍ଧନ ମିଳିବନି। କହିଛି ଯେ ଦେଶର ଯେକୌଣସି ରାଜ୍ୟରେ ପଞ୍ଜିକୃତ ୧୦ ବର୍ଷ ପୁରୁଣା ଡିଜେଲ ଯାନ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଚାଳିତ ଯାନ ଏହି ନିଷ୍ପତ୍ତିର ପରିସରଭୁକ୍ତ ହେବ। ଏହି କ୍ୟାମେରା ଗୁଡ଼ିକ ୧୦ ବର୍ଷ କିମ୍ବା ୧୫ ବର୍ଷରୁ ପୁରୁଣା ଯାନଗୁଡ଼ିକୁ ଚିହ୍ନଟ କରିବ। ଏହି ବ୍ୟବସ୍ଥା ଦିଲ୍ଲୀର ଗୁରୁଗ୍ରାମ, ଫରିଦାବାଦ, ଗାଜିଆବାଦ, ଗୌତମ ବୁଦ୍ଧ ନଗର ଏବଂ ସୋନିପତରେ ଚଳିତ ବର୍ଷ ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେବ।



## ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ ପ୍ରଦର୍ଶନରେ ରାଷ୍ଟ୍ରପତିଙ୍କ ଅଂଶଗ୍ରହଣ



**ନୂଆଦିଲ୍ଲୀ, (ପିଆଇବି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି (ଜୁନ ୨୧,୨୦୨୫) ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଡେରାଡୁନର ଉତ୍ତରାଖଣ୍ଡ ରାଜ୍ୟ ପୁଲିସ ଲାଇନ ମଇଦାନରେ ଏକ ସାମୂହିକ ଯୋଗ ପ୍ରଦର୍ଶନରେ ଅଂଶଗ୍ରହଣ କରିଥିଲେ। ଯୋଗ ଅଧିବେଶନ ପରେ ନିଜର ମନ୍ତବ୍ୟରେ ରାଷ୍ଟ୍ରପତି ସାରା ବିଶ୍ୱରେ 'ଅନ୍ତର୍ଜାତୀୟ ଯୋଗ ଦିବସ' ଅବସରରେ ଯୋଗ ଅଭ୍ୟାସ କରୁଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ ୨୦୧୫ ମସିହାରୁ ଯୋଗ ସମଗ୍ର ମାନବଜାତିର ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇଛି। ଏହା ଭାରତର ''ସଫ୍ଟ ପାୱାରର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ। ରାଷ୍ଟ୍ରପତି କହିଲେ ଯେ ଯୋଗ ହେଉଛି ଏକ ସୁସ୍ଥ ଜୀବନ ବଞ୍ଚିବାର କଳା, ଯାହାକୁ ଗ୍ରହଣ କରିବା ଦ୍ୱାରା ମଣିଷର ଶରୀର, ମନ ଏବଂ ସାମଗ୍ରିକ ବ୍ୟକ୍ତିତ୍ୱ ବିକଶିତ ହୋଇଥାଏ। ଯେତେବେଳେ ଜଣେ ବ୍ୟକ୍ତି ସୁସ୍ଥ ରୁହେ, ପରିବାର ସୁସ୍ଥ ରହିଥାଏ। ଯେତେବେଳେ ପରିବାର ଏବଂ ସମାଜ ସୁସ୍ଥ ରହିବ, ସେତେବେଳେ ଦେଶ ସୁସ୍ଥ ରହିବ। ରାଷ୍ଟ୍ରପତି କହିଲେ ଯେ ଯୋଗ ର ଅର୍ଥ ହେଉଛି ଯୋଡ଼ି ହେବା। ଯୋଗ ଅଭ୍ୟାସ ବ୍ୟକ୍ତିର ଶରୀର, ମନ ଏବଂ ଆତ୍ମାକୁ ଯୋଡ଼ିଥାଏ ଏବଂ ବ୍ୟକ୍ତିକୁ ସୁସ୍ଥ ରଖିଥାଏ। ଯୋଗ ଜଣେ ବ୍ୟକ୍ତିଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ, ଗୋଟିଏ ସମ୍ପ୍ରଦାୟକୁ ଅନ୍ୟ ସମ୍ପ୍ରଦାୟ ସହିତ ଏବଂ ଗୋଟିଏ ଦେଶକୁ ଅନ୍ୟ ଦେଶ ସହିତ ଯୋଡ଼ି ପାରିବ। ରାଷ୍ଟ୍ରପତି କହିଛନ୍ତି ଏହା ଏକ ସାଧାରଣ ବିଶ୍ୱାସ ଯେ ଚିକିତ୍ସା ଅପେକ୍ଷା ପ୍ରତିରୋଧ ନୀତି ଅଧିକ ଫଳପ୍ରଦୟ ରୋଗ ପ୍ରତିରୋଧରେ ଯୋଗ ଅତ୍ୟନ୍ତ ଉପଯୋଗୀ ବୋଲି ବିବେଚନା କରାଯାଏ। ସେ ସମସ୍ତଙ୍କୁ ଯୋଗକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଏବଂ ଯୋଗ ଅଭ୍ୟାସ କରିବା ସହିତ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରଣା ଦେବାକୁ ଅନୁରୋଧ କରିଥିଲେ।

## ଚୀନ ସହ ଲାଗିଥିବା ସୀମାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଲା ଭାରତୀୟ ସେନା

**ଇଟାନଗର,(ହିକେ ନ୍ୟୁଜ୍):** ଅରୁଣାଚଳ ପ୍ରଦେଶର ଭାରତ-ଚୀନ ସୀମାରେ ମୁତୟନ ଭାରତୀୟ ସେନା ଶନିବାର ଦିନ ଶି-ୟୋମି ଜିଲ୍ଲାର ମେନଚୁକାରେ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହପୂର୍ବକ ମନାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେନା ଯବାନମାନେ ଓ ସ୍ଥାନୀୟ ନାଗରିକମାନେ ସ୍ୱାସ୍ଥ୍ୟ, ସଦଭାବ ଓ ଏକତାକୁ ବୃଦ୍ଧି କରିବା ପାଇଁ ଏକାସାଥିରେ ଯୋଗ ଅଭ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଗରିକ ପ୍ରଶାସନ, ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଓ ଘାଟୀରେ ଥିବା ଅନ୍ୟାନ୍ୟ ଅର୍ଦ୍ଧସେନା ବଳର ଯବାନମାନେ ମଧ୍ୟ ଅଂଶ ନେଇଥିଲେ। ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମୁଦାୟର ଲୋକେ, ସେନା ଓ ଅର୍ଦ୍ଧସାମରିକ ବଳର ଯବାନମାନେ ଏକାସାଥିରେ ବିଭିନ୍ନ ଯୋଗ ଆସନ ଓ ପ୍ରାଣାୟମ କରିଥିଲେ। କାର୍ଯ୍ୟକ୍ରମ ସମୟରେ ସେମାନେ ସୂର୍ଯ୍ୟ ନମସ୍କାର, ଭୁଜଙ୍ଗାସନ, ପ୍ରାଣାୟମ ସହିତ ଅନେକ ଯୋଗ ଆସନ ଓ ଅଭ୍ୟାସ ମଧ୍ୟ କରିଥିଲେ। ଏହି ଉତ୍ସବରେ ଜିଲ୍ଲାର ଏଡିସି ମେନଚୁକା, ସ୍ଥାନୀୟ ନାଗରିକମାନେ, ସେନା ଓ ଅର୍ଦ୍ଧସାମରିକ ବଳର ଯବାନ ମାନଙ୍କ ସହିତ ୨୦୦ରୁଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ।

## କୋଇଲା ମନ୍ତ୍ରଣାଳୟ ଉତ୍ସାହ ଏବଂ ଅନ୍ତର୍ଭୁକ୍ତିର ସହ ଅନ୍ତର୍ଜାତୀୟ ଯୋଗ ଦିବସ

**ନୂଆଦିଲ୍ଲୀ, (ହି.ସ.):** କୋଇଲା ମନ୍ତ୍ରଣାଳୟ ଶନିବାର ନୂଆଦିଲ୍ଲୀର ଶାସ୍ତ୍ରୀ ଭବନରେ ଉତ୍ସାହ ଏବଂ ସାମୂହିକ ଭାବନା ସହିତ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଯୋଗ ଅଧିବେଶନରେ ଯୋଗ ଦେଇଥିବା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। କୋଇଲା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଶ୍ୱ ଥିମ୍ ହେଉଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ। ଏହା ବ୍ୟକ୍ତିଗତ କଲ୍ୟାଣ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ମଧ୍ୟରେ ଗଭୀର ଆନ୍ତଃସଂବନ୍ଧକୁ ଉଜ୍ଜ୍ୱଳିତ କରେ। ମନ୍ତ୍ରଣାଳୟ ଏହାର କର୍ମଚାରୀମାନଙ୍କ ମଧ୍ୟରେ ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଏବଂ ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟ ଏବଂ ସନ୍ତୁଳନକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରି ଏହି ଦୃଷ୍ଟିକୋଣ ସହିତ ସମନ୍ୱିତ। ଶାସ୍ତ୍ରୀ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଆଧୁନିକ ସମୟରେ ଯୋଗର ଗୁରୁତ୍ୱ ଉପରେ ଏକ ସଂକ୍ଷିପ୍ତ ଭାଷଣ ସହିତ ଆରମ୍ଭ ହୋଇଥିଲା। ଏହା ପରେ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ସୁପାରିଶ କରାଯାଇଥିବା ସାଧାରଣ ଯୋଗ ପ୍ରୋଟୋକଲ ରୁ ନିଆଯାଇଥିବା ଯୋଗ ଆସନ, ଶ୍ୱାସକ୍ରିୟା ବ୍ୟାୟାମ (ପ୍ରାଣାୟାମ) ଏବଂ ଧ୍ୟାନ କୌଶଳର ଏକ ପୂର୍ଣ୍ଣ କ୍ରମ ପ୍ରକାଶ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଶାନ୍ତି ଏବଂ ଉତ୍ସାହର ଏକ ନୂତନ ଭାବନା ପ୍ରକାଶ କରିଥିଲେ। ଏହା ଦୈନନ୍ଦିନ କାର୍ଯ୍ୟରେ ଯୋଗକୁ ଅନ୍ତର୍ଭୁକ୍ତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା। ମନ୍ତ୍ରଣାଳୟ କହିଛି ଯେ କୋଇଲା ମନ୍ତ୍ରଣାଳୟ ଦେଶର ଏକ ଲକ୍ଷରୁ ଅଧିକ ପ୍ରତିଷ୍ଠିତ ସ୍ଥାନରେ ଏକକାଳୀନ ଆୟୋଜିତ ହେଉଥିବା ପ୍ରମୁଖ କାର୍ଯ୍ୟକ୍ରମ 'ଯୋଗ ସଙ୍ଗମ'ର ଦେଶବ୍ୟାପୀ କାର୍ଯ୍ୟକ୍ରମରେ ଏହାର କଂପାନି ଗୁଡ଼ିକର ସକ୍ରିୟ ଅଂଶଗ୍ରହଣକୁ ମଧ୍ୟ ସୁନିଶ୍ଚିତ କରିଛି। କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ କୋଲିଅରିଜ ଇଣ୍ଡିଆ ଲିମିଟେଡ୍ ଏବଂ ସିଙ୍ଗାରେନି କୋଲିୟାରିଜ୍ କମ୍ପାନୀ ଲିମିଟେଡ୍ ସହିତ ସେମାନଙ୍କର ମୁଖ୍ୟାଳୟ, କାର୍ଯ୍ୟକ୍ଷମ ଖଣି ଏବଂ ଆବାସିକ ଟାଉନସିପ୍ ରେ ଯୋଗ ଅଧିବେଶନ ଆୟୋଜନ କରିଥିଲେ।

## ରାଜଭବନରେ ପଶ୍ଚିମବଙ୍ଗର ପ୍ରତିଷ୍ଠା ଦିବସ ପାଳିତ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଜାତୀୟ ଏକତା, ପ୍ରଗତି ଏବଂ ଜାତୀୟ ଗର୍ବ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି: ରାଜ୍ୟପାଳ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଜାତୀୟ ଏକତା, ପ୍ରଗତି ଏବଂ ଜାତୀୟ ଗର୍ବ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି ବୋଲି ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଚଳିତ ଜୁନ ୨୧ ତାରିଖ ଅପରାହ୍ନରେ ନ୍ୟୁ ଅଭିଷେକ ହଲ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ପଶ୍ଚିମବଙ୍ଗ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ପ୍ରତ୍ୟେକ ରାଜ୍ୟର ନିଜର ଅନନ୍ୟ ପରିଚୟ ଥିଲେ ମଧ୍ୟ ଏକାଠି ହୋଇ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଏପରି କାର୍ଯ୍ୟକ୍ରମ ଉଦବୁଦ୍ଧ କରେ। ଏହି ଅବସରରେ ପଶ୍ଚିମବଙ୍ଗର ଅଧିବାସୀ ତଥା ଓଡ଼ିଶାରେ ରହୁଥିବା ପଶ୍ଚିମବଙ୍ଗର ବାସିନ୍ଦାମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଓଡିଶା ଏବଂ ପଶ୍ଚିମବଙ୍ଗ ଅନେକ ଦୃଷ୍ଟିରୁ ଅନନ୍ୟ ହୋଇଥିଲେ ମଧ୍ୟ ଦୁଇ ରାଜ୍ୟ ମଧ୍ୟରେ ଗଭୀର ସାଂସ୍କୃତିକ, ଭାଷାଗତ ସମ୍ପର୍କ ରହିଛି ଏବଂ ପାରମ୍ପରିକ ବନ୍ଧନରେ ପୀଢି ପରେ ପୀଢି ସଂଯୋଗ ହୋଇ ରହିଛନ୍ତି। ରାଜ୍ୟପାଳ ପଶ୍ଚିମବଙ୍ଗଙ୍କୁ ଭାରତର ରୂପାନ୍ତରଣର ଏକ ପ୍ରତୀକ ଭାବରେ ଅଭିହିତ କରି କହିଥିଲେ ଯେ, ପ୍ରାଚୀନ ସଭ୍ୟତାରୁ ଆଧୁନିକ ଡିଜିଟାଲ ଯୁଗ ପର୍ଯ୍ୟନ୍ତ ଏବଂ ନିରନ୍ତର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ, ରାଜନୈତିକ, ଶିଳ୍ପ ଏବଂ ବୈଜ୍ଞାନିକ ପ୍ରଗତିର କେନ୍ଦ୍ର ସାଜିଅଛି। ରାଜ୍ୟର କିମ୍ବଦନ୍ତୀ ବ୍ୟକ୍ତିତ୍ୱମାନଙ୍କୁ ସ୍ମରଣ କରି ରାଜ୍ୟପାଳ କହିଥିଲେ ଯେ ଏହି ମାଟିର ଅନେକ ସନ୍ତାନ ଜାତିର ମଶାଲବାହକ ସାଜିଛନ୍ତି। ସନ୍ଥ ଶ୍ରୀ ଚୈତନ୍ୟ, ରାଜା ରାମ ମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ବିବେକାନନ୍ଦ, ନୋବେଲ ପୁରସ୍କାର ବିଜେତା ରବିନ୍ଦ୍ରନାଥ ଟାଗୋର ଏବଂ ମଦର ଟେରେସାଙ୍କ ଅବଦାନକୁ ରାଜ୍ୟପାଳ ସ୍ମରଣ କରାଇଥିଲେ। ପଶ୍ଚିମବଙ୍ଗ ରାଜ୍ୟର ପ୍ରାକୃତିକ ବୈଭବ ଯେଉଁଥିରେ ରମଣୀୟ ହିମାଳୟ, ଦାର୍ଜିଲିଂର ଚା ବଗିଚା, ସୁନ୍ଦରବନର ହେନ୍ତାଳ ବନ ଏବଂ ବଙ୍ଗୋପସାଗର କୂଳରେ ଅବସ୍ଥିତ ମନୋରମ ବେଳାଭୂମିର କଥା ଅବତାରଣା କରିଥିଲେ। ଏତଦବ୍ୟତୀତ ପଶ୍ଚିମବଙ୍ଗର ଜୀବନ୍ତ ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ବିଶେଷ କରି ଦୁର୍ଗା ପୂଜାର ମହିମାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଓଡ଼ିଶାରେ ବସବାସ କରୁଥିବା ପଶ୍ଚିମବଙ୍ଗର ବାସିନ୍ଦାମାନେ ଓଡିଶାକୁ ନିଜର ଦ୍ୱିତୀୟ ଘର ବୋଲି ବିବେଚନା କରିଛନ୍ତି ଏବଂ ଓଡ଼ିଶାର ଶିକ୍ଷାଗତ, ସାଂସ୍କୃତିକ ଏବଂ ବୃତ୍ତିଗତ ଜୀବନରେ ଅର୍ଥପୂର୍ଣ୍ଣ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ହୋଇଛି। କାରଣ ପ୍ରଧାନମନ୍ତ୍ରୀ ଏକତା ଏବଂ ପାରସ୍ପରିକ ବୁଝାମଣାକୁ ବୃଦ୍ଧି କରିବା ପାଇଁ ଏକ ଭାରତ- ଶ୍ରେଷ୍ଠ ଭାରତ ଭାବନାକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ପ୍ରତିଷ୍ଠା ଦିବସ ପାଳନ କରିବାକୁ ରାଜଭବନମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଉକ୍ତ ସମାରୋହରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ବକ୍ତବ୍ୟ ପ୍ରଦାନ କରି ରାଜ୍ୟ ପ୍ରତିଷ୍ଠା ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପଶ୍ଚିମବଙ୍ଗର ମୂଳ ବାସିନ୍ଦା ନିଜ ରାଜ୍ୟର ସ୍ୱତନ୍ତ୍ରତା ଏବଂ ଓଡିଶା ସହ ସମ୍ପର୍କ ଏବଂ ଓଡ଼ିଶାରେ ସେମାନଙ୍କର ସୁଖଦ ଅନୁଭୂତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ, ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଇଷ୍ଟର୍ଣ୍ଣ ଜୋନାଲ କଲଚରାଲ ସେଣ୍ଟର, କୋଲକାତା ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏତଦବ୍ୟତୀତ ପଶ୍ଚିମବଙ୍ଗ ରାଜ୍ୟର ପରମ୍ପରା, ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଧାରିତ ଅଡିଓ ଭିଜୁଆଲ ଉପସ୍ଥାପନା କରାଯାଇଥିଲା।

### ଟାଇମ୍ସ ହାୟର ଏଜୁକେସନ୍ ଇଂପାକ୍ଟ ର୍ୟାଙ୍କିଂ ୨୦୨୫

## ଭାରତରେ ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଟାଇମ୍ସ ହାୟର ଏଜୁକେସନ (ଟିଏଚଇ) ଏକ ସର୍ଜନାତ୍ମକ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କଣ ଅଛି ତାର ମୂଲ୍ୟାଙ୍କନ କରି ର୍ୟାଙ୍କ ପ୍ରଦାନ କରିଥାଏ। ଏହି ପରିପ୍ରେକ୍ଷୀରେ ବିଶ୍ୱର ଯେଉଁ ବିଶ୍ୱବିଦ୍ୟାଳୟଗୁଡିକ ସାମାଜିକ ପ୍ରଭାବ ଉପରେ କାର୍ଯ୍ୟ କରନ୍ତି ସେହି ଅନୁଷ୍ଠାନଗୁଡିକ ଏଥିରେ ଅଂଶଗ୍ରହଣ କରନ୍ତି। କିଟ୍ ଏହି ର୍ୟାଙ୍କିଙ୍ଗରେ ପ୍ରତିବର୍ଷ ଅଂଶଗ୍ରହଣ କରିଥାଏ। ଏଥିରେ ଉନ୍ନତ ପ୍ରଦର୍ଶନ କରି ପ୍ରତିବର୍ଷ କିଟ୍‌ର ସ୍ଥାନ ଉପରକୁ ଉଠିଥାଏ। ଚଳିତବର୍ଷ ମଧ୍ୟ କିଟ୍ ଟାଇମ୍ସ ହାୟର ଏଜୁକେସନ ଇମ୍ପାକ୍ଟ ଗ୍ଲୋବାଲ ର୍ୟାଙ୍କିଂ ୨୦୨୫ରେ କିଟ୍ ବହୁତ ଭଲ ପ୍ରଦର୍ଶନ କରିଛି। ୩ ଟି ମାନଦଣ୍ଡ ଆଧାରରେ ଚଳିତ ବର୍ଷ କିଟ୍ ବେଶ ପ୍ରଭାବୀ ର୍ୟାଙ୍କ ହାସଲ କରିଛି। ଅସମାନତା ହ୍ରାସ (ଏସ୍‌ଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସ୍‌ଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସ୍‌ଡିଜି-୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସ୍‌ଡିଜି-୪)ରେ ଭାରତରେ କିଟ୍ ୩ୟ ସ୍ଥାନରେ ରହିଛି। ଇମ୍ପାକ୍ଟ ର୍ୟାଙ୍କିଂରେ ସାମଗ୍ରିକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନରେ ରହିଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତି ସଂପନ୍ନ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟରେ ରହିଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍‌ର ସଫଳତା ଉପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ର୍ୟାଙ୍କିଂରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏବେ କିଟ୍ ବିଶ୍ୱର ସମସ୍ତ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତରେ କିଟ୍ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ମଧ୍ୟ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇ ପାରିଛି। ଏହିସବୁ ର୍ୟାଙ୍କିଙ୍ଗରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି।

## ଅଭିନେତ୍ରୀ ଓ ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସଙ୍କ ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ସହ ସାକ୍ଷାତ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଶନିବାର ଲୋକସେବା ଭବନରେ ଅଭିନେତ୍ରୀ ଏବଂ ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ସମୟରେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱବିଦିତ କରାଇବା ଓ ଓଡିଶା ମାଟିକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଶ୍ରୀମତୀ ଦାସ କିଛି ପ୍ରସ୍ତାବ ଉପମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ଏହିସବୁ ପ୍ରସ୍ତାବରେ ଆଗେଇବା ନିମନ୍ତେ ସେ ଓଡ଼ିଶା ସରକାର, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏବଂ ସଂସ୍କୃତି ମନ୍ତ୍ରୀ ତଥା ବିଭାଗର ସହାୟତା ଲୋଡ଼ିଛନ୍ତି। ପ୍ରସ୍ତାବ ଗୁଡିକ ଉପରେ ବିଭାଗୀୟ ଆଲୋଚନା ପରେ ସରକାରଙ୍କ ତରଫରୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି।

### ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀକାଳୀନ ସମ୍ମିଳନୀ ରାଜ୍ୟପାଳଙ୍କ ଦ୍ୱାରା ଉଦଘାଟିତ

## ବୟସ୍କମାନଙ୍କୁ ବୋଝ ନ ଭାବି ସମ୍ପତ୍ତି ଭାବେ ସମ୍ମାନ ପ୍ରଦର୍ଶନ ପାଇଁ ରାଜ୍ୟପାଳଙ୍କ ଗୁରୁତ୍ୱ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବୟସ୍କମାନଙ୍କୁ ବୋଝ ନ ଭାବି ସମ୍ପତ୍ତି ଭାବେ ସମ୍ମାନ ପ୍ରଦର୍ଶନ କରିବା ଉପରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଚଳିତ ଜୁନ ୨୧ ତାରିଖ ଦିନ ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ୍ ଠାରେ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆର ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀକାଳୀନ ସମ୍ମିଳନୀକୁ ରାଜ୍ୟପାଳ ଉଦଘାଟନ କରି ଏହା କହିଛନ୍ତି। ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଆମ ପରିବାର, ସମାଜ ଓ ରାଷ୍ଟ୍ର ପ୍ରତି ଅପାର ଅବଦାନ ରଖିଥିବା ବୟସ୍କ ନାଗରିକମାନେ ସର୍ବୋଚ୍ଚ ସମ୍ମାନ, ଯତ୍ନ ଏବଂ ମର୍ଯ୍ୟାଦା ପାଇବାର ହକଦାର। କିନ୍ତୁ ପରିତାପର ବିଷୟ ଯେ, ବର୍ତ୍ତମାନ ସମୟରେ ପରିବାରରେ ବୟସ୍କମାନଙ୍କ ପ୍ରତିଥିବା ସମ୍ମାନର ମୂଲ୍ୟବୋଧ କ୍ଷୟ ପାଇବାରେ ଲାଗିଛି। ଆଜିକାଲି ବୟସ୍କମାନେ ପରିବାରରେ ତଥା ସମାଜରେ ଅବହେଳା, ଏକଲାପଣ ଏବଂ ନିର୍ଯ୍ୟାତନାର ସମ୍ମୁଖୀନ ହେଉଛନ୍ତି। ଏହା କେବଳ ଏକ ସାମାଜିକ ଚିନ୍ତାର ବିଷୟ ନୁହେଁ ବରଂ ଆମ ସମସ୍ତଙ୍କ ପାଇଁ ନୈତିକ ଆହ୍ୱାନ ଭାବେ ଉଭା ହୋଇଛି। ବାର୍ଦ୍ଧକ୍ୟ ଏକ ଅପରିବର୍ତ୍ତନୀୟ ଏବଂ ପ୍ରାକୃତିକ ପ୍ରକ୍ରିୟା ଯାହା ମାନବ ଶରୀରର ସମସ୍ତ ଅଙ୍ଗକୁ ପ୍ରଭାବିତ କରେ। ବୟସ୍କ ବ୍ୟକ୍ତିମାନେ ବିଭିନ୍ନ ପ୍ରକାରର ରୋଗ ପ୍ରାୟତଃ ଉଚ୍ଚ ରକ୍ତଚାପ, ମଧୁମେହ, ହାଇପରଥାଇରଏଡ଼ିଜିମ୍, ଡିମ୍ନେସିଆ ଏବଂ ପାର୍କିନସନ୍ସ ଇତ୍ୟାଦି ରୋଗରେ ପୀଡିତ ହୁଅନ୍ତି। ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସହିତ ଯଥେଷ୍ଟ ଆର୍ଥିକ ଯୋଜନା କିମ୍ବା ସହଯୋଗ ଅଭାବରୁ ଅନେକ ବୟସ୍କ ନାଗରିକ ଘରୋଇ ନିର୍ଯ୍ୟାତନା, ଅବହେଳା ଏବଂ ଆର୍ଥିକ ନିର୍ଭରଶୀଳତାର ସମ୍ମୁଖୀନ ହୁଅନ୍ତି। ଚିନ୍ତା, ଅବସାଦ, ଏକଲାପଣ ଏବଂ ପାରିବାରିକ କଳହ ଭଳି ପରିସ୍ଥିତି ବାର୍ଦ୍ଧକ୍ୟର ବୋଝକୁ ବହୁଗୁଣିତ କରେ ବୋଲି ରାଜ୍ୟପାଳ କହିବା ସହିତ ବୟସ୍କଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏହି ସମସ୍ୟାର ନିରାକରଣ ଏକାନ୍ତ ଜରୁରୀ ବୋଲି କହିଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ ଏ କ୍ଷେତ୍ରରେ ଚିକିତ୍ସା ବିଶେଷଜ୍ଞ ଭାବରେ ଜେରିଆଟ୍ରିକ୍ସଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। କେବଳ ବୃଦ୍ଧାବସ୍ଥାରେ ରୋଗର ଚିକିତ୍ସା ନୁହେଁ ବରଂ ବୟସ୍କମାନଙ୍କ ଶାରୀରିକ, ଭାବନା ଏବଂ ମାନସିକ ଆବଶ୍ୟକତାକୁ ବୁଝିବା ଜରୁରୀ। ଜେରିଆଟ୍ରିକ୍ ପ୍ରଫେସନାଲମାନେ ବୟସ୍କ ରୋଗୀମାନଙ୍କୁ ସମ୍ବେଦନଶୀଳତାର ସହ ଯତ୍ନ ନେବାର ଗୁରୁ ଦାୟିତ୍ୱ ବହନ କରନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏହି ସମ୍ମିଳନୀ ବୟସ୍କ ସ୍ୱାସ୍ଥ୍ୟ ସେବାରେ ବିକଶିତ ଧାରାର ପ୍ରତିଫଳନ ହେବ ଏବଂ କ୍ଲିନିକାଲ୍ ଓ ଗୋଷ୍ଠୀ ଆଧାରିତ ହସ୍ତକ୍ଷେପ ପାଇଁ ଅଭିନବ କୌଶଳ ସମ୍ପର୍କରେ ଆଲୋଚନା କରିବା ପାଇଁ ସମୟ ଉପଯୋଗୀ ମଞ୍ଚ ହେବ ବୋଲି କହିବା ସହିତ ଏ ଦିଗରେ ପ୍ରୟାସ ପାଇଁ ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆକୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ପ୍ରଶଂସା କରିଥିଲେ। ଏହି ସମାରୋହରେ ଏମ୍ସ, ଅବନ୍ତିପୁରା (ଜମ୍ମୁ ଓ କାଶ୍ମୀର)ର ଏକଜିକ୍ୟୁଟିଭ ଡିରେକ୍ଟର ତଥା ସିଇଓ ଡ଼ା. ସଚ୍ଚିଦାନନ୍ଦ ମହାନ୍ତି, ହାଇଟେକ୍ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଟର ଚେଆରମ୍ୟାନ ଡ଼ା. ତିରୁପତି ପାଣିଗ୍ରାହୀ, ଜିଏସଆଇର ପ୍ରେସିଡେଣ୍ଟ ଡ଼ା. ଅତୁଲ କୁଳଶ୍ରେଷ୍ଠ, ସେକ୍ରେଟାରୀ ଜେନେରାଲ ଡ଼ା. ଓମ୍ ପ୍ରକାଶ ଶର୍ମା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଆୟୋଜକ କମିଟିର ଚେଆରମ୍ୟାନ୍ ଡ଼ା.ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ରେଳ ଇଣ୍ଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ



ଭୁବନେଶ୍ୱର, (ପିଆଇବି): ପୂର୍ବତଟ ରେଳପଥ ଶନିବାର ଭୁବନେଶ୍ୱରର ରେଳବାଇ ଇଣ୍ଡୋର ଷ୍ଟାଡିୟମରେ ଅତ୍ୟନ୍ତ ଉତ୍ସାହ ଏବଂ ଅଂଶଗ୍ରହଣ ସହିତ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଏହି କାର୍ଯ୍ୟକ୍ରମ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ବହୁ ସଂଖ୍ୟକ ରେଳ କର୍ମଚାରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି ଅଧିବେଶନ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ଉତ୍ତମ ସ୍ୱାସ୍ଥ୍ୟ, ଏକାଗ୍ରତା ଏବଂ କର୍ମକ୍ଷେତ୍ରର ମଙ୍ଗଳ ପାଇଁ ରେଳ କର୍ମଚାରୀମାନଙ୍କୁ ସେମାନଙ୍କର ଦିନଚର୍ଯ୍ୟାରେ ଏହାର ଅଭ୍ୟାସକୁ ସାମିଲ କରିବାକୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ଫୁଙ୍କଓ୍ୱାଲ ଯୋଗର ଉପକାରିତା ସମ୍ବନ୍ଧରେ ଆଲୋକପାତ କରି କହିଛନ୍ତି ଯେ ମାନସିକ ସ୍ୱଚ୍ଛତା ବୃଦ୍ଧି, ଚାପ ହ୍ରାସ ଏବଂ ଶାରୀରିକ ସୁସ୍ଥତାରେ ଉନ୍ନତି ଆଣିବାରେ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯୋଗ ଆନ୍ତରିକ ଶାନ୍ତି ଆଣିଥାଏ ଏବଂ ଧ୍ୟାନକୁ ଉନ୍ନତ କରିଥାଏ, ଯାହା ଫଳସ୍ୱରୂପ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦକତା ଏବଂ ମଙ୍ଗଳକୁ ସମର୍ଥନ କରେ। ରେଳବାଇ କର୍ମଚାରୀମାନଙ୍କ ପାଇଁ, ଏହା ଆଜିର ଦ୍ରୁତ ଗତିର କାର୍ଯ୍ୟ ପରିବେଶରେ ଏକ ଅତ୍ୟନ୍ତ ଆବଶ୍ୟକୀୟ ସନ୍ତୁଳନ ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି। ତାଲିମପ୍ରାପ୍ତ ଯୋଗ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣକାରୀ ରେଳବାଇ କର୍ମଚାରୀ ଓ ଅଧିକାରୀମାନେ ବିଭିନ୍ନ ଯୋଗ ଆସନ ଏବଂ ଶ୍ୱାସକ୍ରିୟା ବ୍ୟାୟାମର ଏକ ଶୃଙ୍ଖଳା ପ୍ରଦର୍ଶନ କରିଥିଲେ ଯାହା ବିଶ୍ୱବ୍ୟାପୀ ଏହି ଅବସରକୁ ଶକ୍ତି ଏବଂ ପ୍ରତିବଦ୍ଧତାର ସହିତ ଚିହ୍ନିତ କରିଥିଲା। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରେଳ କର୍ମଚାରୀମାନଙ୍କ ଦୈନନ୍ଦିନ ଯୋଗ ଅଭ୍ୟାସ ପୂର୍ବତଟ ରେଳପଥର ଏକ ସୁସ୍ଥ ଏବଂ ଉତ୍ପାଦନକ୍ଷମ ସାଂଗଠନିକ ସଂସ୍କୃତିର ଅଂଶ ଭାବରେ ଏହାର କର୍ମଚାରୀଙ୍କ ମଧ୍ୟରେ ସୁସ୍ଥତା ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଅଛି।

## ଜଳ ସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଜଳ ସମ୍ପଦ ବିଭାଗ ସାଂସ୍କୃତିକ ପରିଷଦ ତରଫରୁ ଶନିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ରାଜୀବ ଭବନ ଠାରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ନରହରି ସେଠୀ, ଅଶୋକ କୁମାର ବେହେରା ଓ ଅତିରିକ୍ତ ଶାସନ ସଚିବ ଆରତୀ ରାଉତ, ଲିନା କୁମାରୀ ଖେଶ୍, ସୁବ୍ରତ ନାୟକ, ଜୟକିଶୋର ମିଶ୍ର ତଥା ବିଭାଗସ୍ଥ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଅଧିକାରୀମାନେ ଯୋଗଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ନିବେଦିତା ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧିକାରୀ ତଥା ଅନ୍ୟାନ୍ୟ କର୍ମଚାରୀମାନେ ଯୋଗାଭ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ପରିଷଦର ସଭାପତି ଜୟକିଶୋର ମିଶ୍ର ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି କହିଥିଲେ ଯେ, ଆଧୁନିକ ଯୁଗରେ ସମସ୍ତେ ଚାପ ଗ୍ରସ୍ତ ହୋଇ ରହୁଛନ୍ତି। ଯୋଗ ଦ୍ୱାରା ଶରୀର ଓ ମନ ଭିତରେ ସନ୍ତୁଳନ ଓ ସମନ୍ୱୟ ରକ୍ଷା କରି ଏହି ଚାପକୁ ଦୂର କରି ହେବ ଓ ଏକ ସୁସ୍ଥ ସମାଜ ଗଠନ କରି ହେବ। ସେ ମଧ୍ୟ କହିଥିଲେ ଯେ, କେବଳ ଏହି ଗୋଟିଏ ଦିନ ନୁହେଁ, ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଯୋଗାଭ୍ୟାସ ଜାରି ରଖିବା ପାଇଁ ଆମେ ସମସ୍ତେ ପ୍ରତିଶୃତିବଦ୍ଧ ହେବାର ଆବଶ୍ୟକତା ରହିଛି। ପରିଷଦର ସାଧାରଣ ସମ୍ପାଦକ ପ୍ରେମନାଥ ବେହେରା, କ୍ରୀଡା ସମ୍ପାଦକ ଉର୍ମିଳା ମାଝୀ ତଥା ଅନ୍ୟ କର୍ମକର୍ତ୍ତା ବୃନ୍ଦ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## 'ସନ୍ତୁଳିତ ଜୀବନ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ଅଭ୍ୟାସ ମାର୍ଗଦର୍ଶନ କରିବ'



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ରାଜଭବନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତ ଜୁନ ୨୧ ତାରିଖ ସକାଳେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ସାମିଲ ହେବା ସହ ଯୋଗ ଅଭ୍ୟାସ କରିଥିଲେ। ଚଳିତ ବର୍ଷ ଏକ ପୃଥିବୀ ଏବଂ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଶୀର୍ଷକକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ/ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଯୋଗ କେବଳ ଏକ ଶାରୀରିକ କାର୍ଯ୍ୟକଳାପ ନୁହେଁ, ଏହା ଏକ ଜୀବନଶୈଳୀ ଯାହା ଅନ୍ତରରେ ଶାନ୍ତି, ସ୍ଥିରତା ଏବଂ ଆତ୍ମ-ସଚେତନତାକୁ ଜାଗ୍ରତ କରେ। ପ୍ରାଚୀନ ଭାରତୀୟ ଜ୍ଞାନର ମୂଳ ଯୋଗ ଶରୀର, ମନ ଏବଂ ଆତ୍ମାରେ ସମନ୍ୱୟ ଆଣେ ଏବଂ ପ୍ରକୃତି ସହିତ ଆମର ସମ୍ପର୍କକୁ ସୁଦୃଢ଼ କରିଥାଏ ବୋଲି କହିବା ସହିତ ଯୋଗ ପରି କାଳଜୟୀ ଅଭ୍ୟାସ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସନ୍ତୁଳିତ ଜୀବନ ଆଡକୁ ମାର୍ଗଦର୍ଶନ କରିବ ବୋଲି ରାଜ୍ୟପାଳ କହିଛନ୍ତି। ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବାପାଇଁ ଯୋଗର ଆବଶ୍ୟକତା ଏବଂ ଏହାର ବିଭିନ୍ନ ପଦ୍ଧତି ସମ୍ପର୍କରେ ଯୋଗ ପ୍ରଶିକ୍ଷକ ଅଜିତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଡ଼. ସୁଶୀଲ ପଟ୍ଟନାୟକ ଏବଂ କ୍ରିତିଷ୍ଠା ମହାପାତ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

## ଷ୍ଟୁଆର୍ଟ ସ୍କୁଲ୍ ଠାରେ ଆନ୍ତର୍ଯାତିକ ଯୋଗ ଓ ବିଶ୍ୱ ସଙ୍ଗୀତ ଦିବସ ପାଳିତ




ଭୁବନେଶ୍ୱର, (ଡିକେ ନ୍ୟୁଜ): ରାଜଧାନୀର ଅଗ୍ରଣୀ ଓ ପୁରାତନ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଷ୍ଟୁଆର୍ଟ ସ୍କୁଲ ଠାରେ ଆନ୍ତର୍ଜାତିକ ଯୋଗ ଓ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇ ଯାଇଛି। ପ୍ରିନ୍ସିପାଲ ରଶ୍ମିରେଖା ସେନାପତି ଓ ଭାଇସ ପ୍ରିନ୍ସିପାଲ ମଧୁସ୍ମିତି ପର୍ମାଣିକଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ଯୋଗ ପ୍ରଦର୍ଶନ କରିବା ସହ ଯୋଗର ଉପକାରିତା ବିଷୟରେ ଆଲୋଚନା କରିଥିଲେ। ବିଦ୍ୟାଳୟରେ ସଙ୍ଗୀତ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନେ ବାଦ୍ୟଯନ୍ତ୍ର ସଙ୍ଗୀତ, କଣ୍ଠ ସଙ୍ଗୀତ ଓ ସମବେତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ସମାଜସେବୀ ମଳୟ ମହାପାତ୍ର ଓ ସମ୍ମାନନୀୟ ଅତିଥି ବିଶିଷ୍ଟ ସଙ୍ଗୀତଜ୍ଞ ଅନ୍ନଦା ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ସଙ୍ଗୀତ ଶିକ୍ଷକ ଶ୍ରୀକାନ୍ତ କୁମାର ନନ୍ଦଙ୍କ ଏହି ଉତ୍ସବରେ ସମ୍ମାନିତ କରାଯାଇ ଥିଲା। ଛାତ୍ରଛାତ୍ରୀମାନଙ୍କ କଳା ପ୍ରତିଭାର ବିକାଶ ଓ ଉତ୍ସାହ ପ୍ରଦାନ ପାଇଁ ଏପରି ଉତ୍ସବ ଜରୁରୀ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

## ସଂପାଦକୀୟ

# ଇଚ୍ଛା ଶକ୍ତି ଥିଲେ ମହିଳା ସଶକ୍ତିକରଣ ସୁନିଶ୍ଚିତ

ମହିଳା ସଶକ୍ତିକରଣ କହିଲେ ସ୍ୱର ଥିବା ଜଣେ ମହିଳା ଓ ପରିଭାଷା ଅନୁସାରେ ଜଣେ ଶକ୍ତିଶାଳୀ, ସାହସୀ ତଥା ଚିନ୍ତାଶୀଳ ମହିଳା। ଗୋଟେ ନାରୀ ସର୍ବଦା ନିଜ କାହାଣୀର ଜେନ ସୁଲେଖିକା ଓ ଏହି ଲେଖନିର ପ୍ରତ୍ୟେକ ଅଧ୍ୟାୟ ଅନ୍ୟମାନଙ୍କୁ ପାଇଁ ଜଣେ ପ୍ରେରଣାଦାୟୀ ଆଦର୍ଶ। ଜଣେ ମହିଳା ହେଉଛନ୍ତି ପୂର୍ଣ୍ଣ ବୃତ୍ତ ସଦୃଶ୍ୟ। ତାଙ୍କ ଭିତରେ ସୃଷ୍ଟି, ପାଳନପୋଷଣ ଏବଂ ରୂପାନ୍ତର କରିବାର ଶକ୍ତି ରହିଛି। ଯାହାକି ଏହି ନାରୀକୁ ସମାଜରେ ମା, ଭଗ୍ନୀ, ପତ୍ନୀ ତଥା ଲକ୍ଷ୍ମୀ ରୂପରେ ସମ୍ମାନ ଦେଉଛି।

ମହିଳା ସଶକ୍ତିକରଣ ହେଉଛି ମହିଳାମାନଙ୍କର ସାମାଜିକ, ଆର୍ଥିକ, ରାଜନୈତିକ ଏବଂ ଆଇନଗତ ଶକ୍ତି ବୃଦ୍ଧି କରିବାର ପ୍ରକ୍ରିୟା, ଯାହା ସେମାନଙ୍କୁ ନିଷ୍ପତ୍ତି ନେବା ଏବଂ ନିଜ ଜୀବନର ନିୟନ୍ତ୍ରଣ ନେବାରେ ସକ୍ଷମ କରିଥାଏ। ଏଥିରେ ମହିଳାମାନଙ୍କୁ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ନାରୀକୁ ଆତ୍ମନିର୍ଭରଶୀଳ ହାସଲ କରିବା ପାଇଁ ଆବଶ୍ୟକୀୟ ସମ୍ବଳ, ସୁଯୋଗ ଏବଂ ସମର୍ଥନ ପ୍ରଦାନ କରିବା ଏକାନ୍ତ ଆବଶ୍ୟକୟ ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଆର୍ଥିକ ସୁଯୋଗ ଏବଂ ରାଜନୈତିକ ଅଂଶଗ୍ରହଣ ଅନ୍ତର୍ଭୁକ୍ତ। ମହିଳା ସଶକ୍ତିକରଣର ପ୍ରମୁଖ ଦିଗଗୁଡ଼ିକ ଆର୍ଥିକ ସଶକ୍ତିକରଣ ଯାହାକି ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବା ଏବଂ ଅର୍ଥନୀତିରେ ପୂର୍ଣ୍ଣ ଅଂଶଗ୍ରହଣ କରିବା ପାଇଁ ସମ୍ବଳ, ଦକ୍ଷତା ତାଲିମ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା। ରାଜନୈତିକ ସଶକ୍ତିକରଣ ସରକାର ଏବଂ ନେତୃତ୍ୱ ପଦବୀରେ ପ୍ରତିନିଧିତ୍ୱ ସମେତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କର ସ୍ୱର ନିଶ୍ଚିତ କରିବା ମହିଳା ସଶକ୍ତିକରଣଏକ ମୁଖ୍ୟ ଦିଗ। ସାମାଜିକ ସଶକ୍ତିକରଣ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା, କ୍ଷତିକାରକ ସାମାଜିକ ମାନଦଣ୍ଡକୁ ଚ୍ୟାଲେ କରିବା ଏବଂ ଏଭଳି ଏକ ସମାଜ ସୃଷ୍ଟି କରିବା ଯେଉଁଠାରେ ମହିଳାମାନଙ୍କୁ ଶୀର୍ଷ ସମ୍ମାନରେ ପ୍ରତିଷ୍ଠା କରିପାରିବା। ଆଇନଗତ ସଶକ୍ତିକରଣ ହିଂସା ଏବଂ ଭେଦଭାବରୁ ସୁରକ୍ଷା ସମେତ ମହିଳା ଅଧିକାର ଏବଂ ନ୍ୟାୟର ପ୍ରବେଶକୁ ସୁନିଶ୍ଚିତ କରିବା ଆମ ସମାଜର ମୁଖ୍ୟ ଲକ୍ଷ୍ୟ ହେବ ଦରକାର। ଶିକ୍ଷାଗତ ସଶକ୍ତିକରଣ ସମସ୍ତ ସ୍ତରରେ ଝିଅ ଏବଂ ମହିଳାମାନଙ୍କର ଗୁଣାତ୍ମକ ଶିକ୍ଷାର ପ୍ରବେଶକୁ ନିଶ୍ଚିତ କରିବା ହିଁ ମହିଳା ସାସକ୍ତକରଣର ପ୍ରବେଶ ଦ୍ୱାର।

ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମହିଳାମାନଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମଗ୍ରିକ କଲ୍ୟାଣ ଉନ୍ନତ ସହ ନ୍ୟାୟପୂର୍ଣ୍ଣ ସମାନତା ହେବା ଦରକାର। ସଶକ୍ତ ମହିଳାମାନେ ସେମାନଙ୍କ ପରିବାର ଏବଂ ସମ୍ପ୍ରଦାୟ ପାଇଁ ସକାରାତ୍ମକ ନିଷ୍ପତ୍ତି ନେବାର ସମ୍ଭାବନା ଅଧିକୟ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ମହିଳା ସଶକ୍ତୀକରଣକୁ ଅତ୍ୟାବଶ୍ୟକ ଭାବରେ ସ୍ୱୀକୃତି ଦିଆଯାଉଛି। ଶିକ୍ଷା ଏବଂ ଦକ୍ଷତା ତାଲିମକୁ ପ୍ରୋତ୍ସାହିତ କରିବା ମହିଳା ଏବଂ ଝିଅମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ବୃତ୍ତିଗତ ତାଲିମର ପ୍ରବେଶ ସୁନିଶ୍ଚିତ କରିବା ଦରକାର । ମହିଳା ଉଦ୍ୟୋଗକୁ ସମର୍ଥନ କରିବା ସହ ବ୍ୟବସାୟିକ କ୍ଷେତ୍ରରେ ଉନ୍ନତି ପାଇଁ ସମ୍ବଳ ଏବଂ ପରାମର୍ଶ ଏକାନ୍ତ ଆବଶ୍ୟକ। ଲିଙ୍ଗଗତ ପ୍ରଭେଦ କ୍ଷତିକାରକ, ଯାହାକି ସାମାଜିକ ମାନଦଣ୍ଡରେ ଭିନ୍ନତା ଆଣିବା ସହ ବିଶୃଙ୍ଖଳା ସୃଷ୍ଟି କରିଥାଏ । ଲିଙ୍ଗ ସମାନତା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସକାରାତ୍ମକ ଆଦର୍ଶକୁ ପ୍ରୋତ୍ସାହିତ କରିବା ନାରୀ ସଶକ୍ତିକରଣ ଏକ ମୁଖ୍ୟସ୍ରୋତ। ସ୍ୱାସ୍ଥ୍ୟସେବା ଏବଂ ପରିବାର ନିଯୋଜନ ସମେତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବାରେ ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ସମସ୍ତ ତଥ୍ୟକୁ ଭିତ୍ତି କରି ସମସ୍ତେ ଏକ ସ୍ୱରରେ ମହିଳା ସଂଗଠନ ଏବଂ ଆନ୍ଦୋଳନକୁ ସମର୍ଥନ କରି ମହିଳା ଅଧିକାର ଏବଂ ସଶକ୍ତୀକରଣ ପାଇଁ ସମର୍ଥନ କରିବା ସହ ତୃଣମୂଳସ୍ତରୀୟ ସଂଗଠନ ଗୁଡ଼ିକର ସଦବିନିଯୋଗ କରି ମହିଳା ସଶକ୍ତିକରଣ ସଚେତନତାର ବାର୍ତ୍ତା ପ୍ରତି ଘରେ ପହଞ୍ଚିବା ଦରକାର। ତେବେ ଯାଇ ଆମେ ଏହି ମହିଳା ସଶକ୍ତିକରଣ କ୍ଷେତ୍ରରେ ସଫଳ ହେବା ସହ ବିକାଶର ଧ୍ୱଜ ଉନ୍ନତିର ଶିଖରରେ ବାନ୍ଧି ପାରିବା।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଭାଗବତ ଟୁଙ୍ଗିରେ ମହାପ୍ରଭୁ



ବାଦଲ ଭୂୟାଁ

ମହାପ୍ରଭୁ ସର୍ବମାନ୍ୟ। ତାଙ୍କ ପାଖରେ ନଥାଏ ଜାତି-ଧର୍ମର ଭେଦଭାବ। ସେ ସବୁରି ଘରେ ପୂଜିତ ହୁଅନ୍ତି। ଭକ୍ତର ଭାବନାରେ ସେ ସବୁବେଳେ ରହିଥାନ୍ତି। ସେଥିପାଇଁ କୁହାଯାଏ ଭାବକୁ ନିକଟ, ଅଭାବକୁ ଦୂର। ମହାପ୍ରଭୁଙ୍କ ପ୍ରତି ଆବ୍ରାହ୍ମଣଚାଣ୍ଡାଳ ସମସ୍ତେ ହୋଇପଡ଼ନ୍ତି ସମର୍ପିତ। ତାଙ୍କ ପ୍ରତି ଏହି ଭାବ ସୃଷ୍ଟି କରିବା ଓ ତାଙ୍କୁ ସର୍ବମୟ ଭାବେ ପ୍ରତିପାଦିତ କରିବାରେ ଓଡ଼ିଶାର କିଛି ପ୍ରମୁଖ ପରମ୍ପରା ନିର୍ବାହ କରିଛନ୍ତି ଗୁରୁ ଦାୟିତ୍ୱ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ.ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀଜଗନ୍ନାଥ ଗଣଦେବତା ଭାବେ ସମଗ୍ର ରାଷ୍ଟ୍ରରେ ଗୃହୀତ ହେବା ପଛରେ ୩ଟି ପରମ୍ପରା ମୁଖ୍ୟତଃ ରହିଛି। ସେଥିମଧ୍ୟରୁ ପ୍ରଥମଟି ହେଉଛି - ଶ୍ରୀଜଗନ୍ନାଥ ଚେତନାକୁ ଆଧାର କରି ରହିଥିବା ଗୁରୁଗୋସାଇଁ ପରମ୍ପରା। ଏହାକୁ ଶ୍ରୀକ୍ଷେତ୍ରର କୌଳିକ ପରମ୍ପରା ମଧ୍ୟ କୁହାଯାଏ। କୌଳିନ୍ୟ ରକ୍ଷା ବା କୂଳ ପରମ୍ପରା ରଖିବା କରିବା ପାଇଁ ମହାପ୍ରଭୁଙ୍କ ସେବାୟତଙ୍କୁ ଗୁରୁ ଗୋସାଇଁଙ୍କ ଠାରୁ ଦୀକ୍ଷା ନେବାକୁ ହୁଏ। ଏବେ ବି ଅନେକାଂଶରେ ଏହାର ପ୍ରଚଳନ ରହିଛି। ଦୀକ୍ଷା ନେଇ ସେବା କରି ଆସୁଥିବା ବୟସ୍କ ସେବକମାନେ ବିନା ଦୀକ୍ଷାରେ ସେବାକୁ ବାରଣ କରନ୍ତି। କାରଣ ଗୁରୁ ଗୋସାଇଁ ଶିଷ୍ୟଙ୍କୁ ଦୀକ୍ଷା ଦେବା ପୂର୍ବରୁ ସେବା କରିବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରାନ୍ତି। ସେବା କାଳରେ ସମର୍ପଣ ଭାବ ରଖିବାକୁ ଜ୍ଞାନ ଦିଅନ୍ତି। ବ୍ୟତିକ୍ରମକୁ ଅପରାଧ ବୋଲି ଦର୍ଶାଇ ତା'ପ୍ରତି ସତର୍କ କରାଇ ଦିଅନ୍ତି। ମୁଁ ପରଂବ୍ରହ୍ମଙ୍କ ସେବା କରିବାକୁ ଯାଉଛି। ଏପରି ଏକ ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଗୁରୁ ଦେଉଥିଲେ ଜ୍ଞାନ। ଏହି ସେବାରେ ସାମାଜିକ ଶୃଙ୍ଖଳା ଠିକ୍ ଭାବେ ପାଳିତ ହେଉଥିଲା। ଗଜପତିଙ୍କ ଠାରୁ ପ୍ରଜାଙ୍କ ପର୍ଯ୍ୟନ୍ତ, ସାଧୁସନ୍ଥଙ୍କ ଠାରୁ ମହନ୍ତ ତଥା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେବା କାଳରେ ଗୋଟିଏ ଚେତନାରେ ବାନ୍ଧି ଦେବାରେ ସେବକଟିଏ ସମର୍ଥ ହେଉଥିଲା। ସମସ୍ତଙ୍କୁ ପ୍ରଭୁଙ୍କ ପ୍ରତି ଅନୁରକ୍ତ କରାଇବାରେ ସେ ସଫଳ ହେଉଥିଲା। ତେଣୁ ମହାପ୍ରଭୁଙ୍କ ଚେତନାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାରେ ପ୍ରଥମେ ମୁଖ୍ୟ ବିନ୍ଧାଣି ହେଉଥିଲା ସେବକ। କୌଳିକ ରୀତିରେ ଏହା ପିଢ଼ି ପରେ ପିଢ଼ି ଚାଲି ଆସୁଥିଲା। ଗୁରୁ ଗୋସାଇଁ ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱ ଭାବେ ପରିଚିତ ହେଉଥିଲେ। ତାଙ୍କ ପାଇଁ ପୀଠଟିଏ ମଧ୍ୟ ସୃଷ୍ଟି ହୋଇଥିଲା। ଆଜି ତାହା ଗୁରୁ ଗୋସାଇଁ ମଠ ନାମରେ ପରିଚିତ। ଏହି ମଠ ଶ୍ରୀକ୍ଷେତ୍ରରେ ଶ୍ରୀ ଉପାସନାରେ ଆଦିମ ପୀଠ ଭାବେ ପରିଚିତ ଥିଲା।

ସେବାୟତମାନଙ୍କ ମଧ୍ୟରେ ସହାବସ୍ଥାନ ପରମ୍ପରାକୁ ଅତୁଟ ରଖିବା ପାଇଁ ଏହି ମଠ କାର୍ଯ୍ୟ କରୁଥିଲା। ଶହ ଶହ ବର୍ଷ ତଳେ ପ୍ରଚାର ପ୍ରସାରର ସୁବିଧା ନଥିଲେ ମଧ୍ୟ ଅଖଣ୍ଡ ଭାରତବର୍ଷର ନିପଟ ମଫସଲରେ ପ୍ରଭୁଙ୍କ କଥା ପହଞ୍ଚିପାରୁଥିଲା। ସେଥିପାଇଁ ମାନସିକ ଇଚ୍ଛାଶକ୍ତି କାର୍ଯ୍ୟ କରୁଥିଲା। ଏହି ଇଚ୍ଛାଶକ୍ତି ପଛରେ ରହିଥିଲା ସୁଦୃଢ଼ ଗୁରୁ ଗୋସାଇଁ ପରମ୍ପରା। ମହାପ୍ରଭୁ ଗଣଦେବତା ହେବାର ଦ୍ୱିତୀୟ ରହସ୍ୟଟି ହେଉଛି ଭାଗବତ ଟୁଙ୍ଗି ପରମ୍ପରା। ଅତିବଡ଼ୀ ଜଗନ୍ନାଥ ଦାସ, ଓଡ଼ିଶାରେ ଟୁଙ୍ଗି ପରମ୍ପରାର ଜନକ। ତାଙ୍କର ଅନ୍ୟ ସଖାମାନଙ୍କର ଏଥିପାଇଁ ୫୦୦ ବର୍ଷ ପୂର୍ବେ ସହଯୋଗ ମଧ୍ୟ ରହିଥିଲା। ପଞ୍ଚସଖାଙ୍କ ମିଳିତ ସହଯୋଗରେ ପ୍ରଥମେ ସେମାନେ ଏକ ନୂତନ ସନ୍ଦେଶ ବା ବାର୍ତ୍ତା ସମାଜକୁ ଦେଲେ। ତାହା ହେଉଛି ଶୁଦ୍ର ଭାବର ଚେତନା। ଶୂଦ୍ର ଭାବ ହେଉଛି ସେବକର ଭାବ। ସବୁଠାରୁ ଅଧିକ ପରିପକ୍ୱ ଲାଭ କରିଥିବା ଭକ୍ତିର ଭାବ। ସେମାନେ ନିଜକୁ ମହାପ୍ରଭୁଙ୍କ ଦାସ ବୋଲି ଘୋଷଣା ମହାପ୍ରଭୁଙ୍କ ନିକଟତର ହୋଇଗଲା। ଅତିବଡ଼ୀ ମହାଶୟ ଲାଳିତ୍ୟପୂର୍ଣ୍ଣ ଭାଗବତ ପୋଥି ସାଙ୍ଗରେ ଲବଣ୍ୟମୟ ଶ୍ରୀଜଗନ୍ନାଥଙ୍କର ଏକକ ବିଗ୍ରହଙ୍କୁ ଭାଗବତ ପୋଥି ସହିତ ଭାଗବତ ଟୁଙ୍ଗିରେ କରିଥିଲେ। ଏହି ବାର୍ତ୍ତା ହିଁ ଓଡ଼ିଆ ପ୍ରାଣରେ ଏକ ନୂତନ ଜୀବନର ସଞ୍ଚରଣ କରାଇଥିଲା। ଶୂଦ୍ର ବା ଦାସ ଭାବର ଡୋରୀରେ ଅତିବଡ଼ୀଙ୍କ ଭାଗବତ ହିଁ ବାନ୍ଧି ଦେଇଥିଲା ଗାଁରୁ ଗାଁ ପର୍ଯ୍ୟନ୍ତ। ବିଶାଳ ଓଡ୍ର ଖଣ୍ଡର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ଭାଗବତର ନିପଟ ଓଡ଼ିଆ ଭାଷା ଓ ଲାଳିତ୍ୟ ପହଞ୍ଚିପାରିଥିଲା ଭାଗବତ ମାଧ୍ୟମରେ। ସାଧାରଣ ଅକ୍ଷର ଚିହ୍ନି ପଢ଼ି ପାରୁଥିବା ଗାଁ ଗହଳିର ଲୋକଟିଏ ମଧ୍ୟ ଭାଗବତ ମାଧ୍ୟମରେ ବସାଇଦେଲେ।

ସେହିଦିନ ଠାରୁ ଭାଗବତ ଟୁଙ୍ଗି ହୋଇଗଲା ସାଧାରଣ ଓଡ଼ିଆ ଲୋକଟିଏ ପାଇଁ ଶାନ୍ତି ବା ସମର୍ପଣର ସ୍ଥଳ। ଗାଁର ଭାଗବତ ଟୁଙ୍ଗି ପାଲଟିଗଲା ସଂହତିର ପ୍ରାଣକେନ୍ଦ୍ର। ସାମାଜିକ ସଂହତି, ଆଧାତ୍ମିକ ଚେତନା, ଭାଷାର ପରାକାଷ୍ଠା ଓ ପରମ୍ପରାର ପ୍ରତୀକ ରୂପେ ଭାଗବତ ଟୁଙ୍ଗି ମୁଣ୍ଡ ଟେକିଲା। ଜଗନ୍ନାଥଙ୍କୁ ଆଧାର କରି ଏହି ପ୍ରତୀକ ଗୁଡ଼ିକ ଗଢ଼ିବାରେ ଅତିବଡ଼ି ଜଗନ୍ନାଥ ଦାସଙ୍କର ତ୍ୟାଗର ପଟାନ୍ତର ନାହିଁ। ଏହା ଦିନକରେ ହୋଇନଥିଲା। ବର୍ଷ ବର୍ଷ ଲାଗିଥିଲା ଏହା ସମ୍ପୂର୍ଣ୍ଣ ଭାବେ ଠିଆ ହେବା ପାଇଁ। ଏହାପରେ ଗାଁର ସାଧାରଣ ଲୋକଟିଏ ଗାଇ ଉଠିଛି ଜଗନ୍ନାଥ ପ୍ରାଣ ଲୋକଗୀତ, ଯାହା ସୃଷ୍ଟି କରିଛି ଲୋକକଥା। ହଳିଆଗୀତ, ଚଇତିପର୍ବ ଗୀତ, କାନ୍ଦଣା ଗୀତ, ଚକୁଳିଆ ପଣ୍ଡା ଗୀତ, ଦାସକାଠିଆ ଓ ସଂକୀର୍ତ୍ତନ ଗୀତ। ଏହାରି ଭିତରେ ଫୁଟି ଉଠୁଥିଲା ଶ୍ରୀଜଗନ୍ନାଥ ଉପାସନାର ମହତ୍ୱ। ଅତିବଡ଼ୀ ଗୋସାଇଁଙ୍କର ଟୁଙ୍ଗି ପରମ୍ପରାରେ ଏହି ଐତିହ୍ୟର ବାସ୍ତବ ରହସ୍ୟ ଆଜି ବି ଓଡ଼ିଶାରେ ସଠିକ୍ ଭାବେ ଆକଳନ ହୋଇନାହିଁ କି ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ମହାପ୍ରଭୁ ଗଣଦେବତା ହେବାର ତୃତୀୟ ବିନ୍ଦୁଟି ହେଉଛି - ମହାପୁରୁଷମାନଙ୍କର ଗୁରୁକୁଳ ପରମ୍ପରା। ମହାପୁରୁଷ ଅଚ୍ୟୁତାନନ୍ଦ ଏହି ଗୁରୁକୁଳ ପରମ୍ପରାକୁ ବିକଶିତ କରାଇଥିଲେ। ଗୁରୁକୁଳ ପରମ୍ପରା ଓଡ଼ିଶାର କୋଣ ଅନୁକୋଣରେ ଏବେ ବି ସକ୍ରିୟ ରହିଛି। ଏହି ପରମ୍ପରାରେ ଗୁରୁ କହିଲେ ଅଚ୍ୟୁତଙ୍କୁ ହିଁ ଗ୍ରହଣ କରାଯାଏ। ମହାପୁରୁଷ ଅଚ୍ୟୁ ନିଜର ଗୁରୁ ରୂପେ ଶୂନ୍ୟ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିଲେ। ସେ ଥିଲେ ସିଦ୍ଧ ଯୋଗୀ। ଏବେ ବି ପାଞ୍ଚଶହ ବର୍ଷ ପରେ ଅଚ୍ୟୁତଙ୍କ ସତ୍ତା ପୋଥିମାନଙ୍କରୁ ଅନୁଭୂତ ହୁଏ। ବହୁଜନ ସୁଖାୟଃ ବହୁଜନ ହିତାୟଃ ଚେତନାର ଏକ ସମୃଦ୍ଧ ପରମ୍ପରା। ସେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଶୂନ୍ୟ ଧାରାର ବାର୍ତ୍ତା ଦେଇଥିଲେ। ଏହି ଶୂନ୍ୟ ଧାରାରୁ ବହୁ ଉପଧାରା ଓଡ଼ିଶାରେ ସୃଷ୍ଟି ହୋଇଛି। ସେମାନେ ଇଷ୍ଟ ରୂପେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରିଥିବାବେଳେ ଗୁରୁ ରୂପେ ମହାପୁରୁଷ ଅଚ୍ୟୁତଙ୍କୁ ଗ୍ରହଣ କରନ୍ତି। କେବଳ ସେତିକି ନୁହେଁ, ଅଚ୍ୟୁତାନନ୍ଦଙ୍କ, ମାଳିକା, ଜୌତିଷ, ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱ ଓ ଅଜପା ଧାରାକୁ ନେଇ ଅନେକ ଗୁରୁ ପରମ୍ପରା ଓଡ଼ିଶାରେ ବିକାଶ ଲାଭ କରିଥିଲା। ଏହାକୁ ନେଇ ଅନେକ ସାହିତ୍ୟ ବି ସୃଷ୍ଟି ହୋଇଥିଲା, ଯାହା ଶ୍ରୀଜଗନ୍ନାଥଙ୍କର ନିଗୂଢ଼ ମାନବୀୟ ଦୃଷ୍ଟିକୋଣକୁ ନେଇ ସମୃଦ୍ଧ ହୋଇଅଛି। ତାହାର ଯଥାର୍ଥ ଆଲୋଚନା ଓଡ଼ିଶାରେ ଯେପରି ହେବା କଥା ତାହା ହୋଇପାରିନାହିଁ। ଏହି ପରମ୍ପରାରେ ଶତାଧିକ କାବ୍ୟ କବିତା, ଚଉତିଷା, ମାଳିକା ଓ ପୁରାଣ ଆଜି ପର୍ଯ୍ୟନ୍ତ ପ୍ରକାଶିତ ମଧ୍ୟ ହୋଇପାରିନାହିଁ। ଗୁରୁ ଗାଦିମାନଙ୍କର ଶହ ଶହ ପୋଥି ସେହିପରି ରହିଛି। ସେଥିରେ ଅନେକ ଦାର୍ଶନିକ ଚିନ୍ତାଧାରା ଓ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନା ଧାରାର ଅନେକ ରହସ୍ୟ ଏପର୍ଯ୍ୟନ୍ତ ଲୁଚିରହିଛି। ତଥାପି ଏ ଗୁରୁ ପରମ୍ପରା ମହାପ୍ରଭୁଙ୍କୁ ଗଣଦେବତା କରାଇବାରେ ସଫଳ ହୋଇଥିଲା। ଓଡ଼ିଆ ଘରର ମୁରବୀ ଭାବେ ଜଗନ୍ନାଥଙ୍କୁ ଗ୍ରହଣ କରିବାର ପରମ୍ପରା ଏହି ଗୁରୁକୁଳ ପରମ୍ପରା ହିଁ ଶିକ୍ଷା ଦେଇଥିଲା।

*୪ଜି, ପ୍ରତାପ ଆପାର୍ଟମେଣ୍ଟ,*
*୭-ଏକ୍ସଟେନସନ ରୋଡ଼,*
*ପୁରୁଣା ସୋନାରୀ,*
*ଜାମସେଦପୁର*

# ଓଡିଆ ଯାତ୍ରା ନାଟକ ଓ ସୁଧାକର ଦ୍ୱିବେଦୀ



ହିମାଂଶୁ ଶେଖର ଆଚାର୍ଯ୍ୟ

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଯେଉଁ କେତେଜଣ ଯୋଗଜନ୍ମା ନାଟ୍ୟକାର ଜନ୍ମଗ୍ରହଣ କରି ତାଙ୍କ ନାଟକ ମାଧ୍ୟମରେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ଛାଡିଯାଇଛନ୍ତି ସେମାନଙ୍କ ମଧ୍ୟରେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ହେଉଛନ୍ତି ଅନ୍ୟତମ । ଯଥାର୍ଥରେ ସେ ଥିଲେ ଜଣେ ସମାଜ ସଚେତକ ନାଟ୍ୟକାର । ତାଙ୍କ ଲେଖନୀରେ ସମାଜର ବାସ୍ତବ ପ୍ରତିଛବି ଅତି ସୁନ୍ଦର ଭାବେ ଚିତ୍ରିତ ହୋଇଥିଲା । ସବୁ ଶ୍ରେଣୀର ଦର୍ଶକ ତାଙ୍କ ରଚିତ ନାଟକ ଗୁଡିକୁ ଦେଖି ଆନନ୍ଦରେ ମସ୍‌ଗୁଲ ହେଉଥିଲେ । ପରିମାଣ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ତାଙ୍କ ନାଟକ ଗୁଡିକ ମଧ୍ୟ ଗରୀୟାନ ଥିଲା । ବିଶେଷ କରି ଓଡିଶାର ସଂସ୍କୃତି, ପରମ୍ପରା ଓ ଜନଜୀବନର କଥା ଏବଂ ବ୍ୟଥାକୁ ନେଇ ସେ ଯେଉଁ ନାଟକ ଗୁଡିକୁ ସୃଷ୍ଟି କରି ଯାଇଛନ୍ତି ତାହାର ପ୍ରକୃତ ଚିତ୍ର ଆଜିର ସମାଜରେ ଦେଖିବାକୁ ମିଳୁଛି । ମାତ୍ର ୩୨ ବର୍ଷ ବୟସରେ କୋଡିଏରୁ ଉର୍ଦ୍ଧ୍ୱ ନାଟକ ରଚନା କରି ସେ ଓଡିଆ ଯାତ୍ରା ନାଟକ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ଛାପ ଛାଡିଯାଇଅଛନ୍ତି । କେବଳ ସେତିକି ନୁହେଁ ନାଟ୍ୟକାର ସହିତ ଏକାଧାରରେ ସେ ଥିଲେ ଜଣେ ଲବ୍‌ଧପ୍ରତିଷ୍ଠ, ନିର୍ଦ୍ଦେଶକ , ସଙ୍ଗୀତକାର ଓ ଅଭିନେତା । ପ୍ରକୃତରେ କହିଲେ ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଆଜି ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ତରଫରୁ ତାଙ୍କର ୪୩ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମମାଟି ଗହ୍ମାପୁରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଓ ସ୍ମୃତିଚାରଣ ସଭା କରାଯିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ବିଷୟରେ ଉତ୍ତରପିଢିଙ୍କୁ ଜଣାଇବା ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

ସୁଧାକର ଦ୍ୱିବେଦୀଙ୍କ ଜନ୍ମ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଗହ୍ମାପୁର ଗ୍ରାମରେ ୧୯୫୦ ମସିହାରେ ଏପ୍ରିଲ ୨୫ ତାରିଖ । ତାଙ୍କର ପିତା ଥିଲେ କଳ୍ପତରୁ ଦ୍ୱିବେଦୀ ଓ ମାତା ଶ୍ରୀମତୀ ଦେବୀ। ଗାଁରୁ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ ସୁଧାକର। ହିନ୍ଦୀ ସାହିତ୍ୟ ପ୍ରତି ଅତ୍ୟଧିକ ଆସକ୍ତି ଯୋଗୁଁ ସେ ବି.ଏ ପାଶ୍ କରିବା ସହ ହିନ୍ଦୀରେ ଡିଗ୍ରୀ ହାସଲ କରି ଏରସମା ବ୍ଲକ୍‌ସ୍ଥ ପତିତପାବନ ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ରୂପେ କର୍ମମୟ ଜୀବନ ଆରମ୍ଭ କରିଥିଲେ । ସେଠାରେ ହିଁ ତାଙ୍କର ସୃଜନଶୀଳ ପ୍ରତିଭାର ଉନ୍ମେଷ ହୋଇଥିଲା । ବାଲ୍ୟକାଳରୁ ନାଟକ ଲେଖା ପ୍ରତି ତାଙ୍କର ଅନୁରକ୍ତି ଥିଲା । ବିଦ୍ୟାଳୟର ଶାନ୍ତ, ସୁସ୍ଥ ଓ ରମଣୀୟ ପରିବେଶ ଏବଂ ନିଜର ଅଦମ୍ୟ ଉତ୍ସାହ ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ନାଟକ ଲେଖିବାକୁ ଅନୁପ୍ରାଣିତ କରିଥିଲା । ଶେଷରେ ତାଙ୍କ ଅଭିଳାଷ ପୁରଣ ହେଲା ଓ ତାଙ୍କ ରଚିତ ପ୍ରଥମ ନାଟକ 'ଗୃହଲକ୍ଷ୍ମୀ' ଆତ୍ମପ୍ରକାଶ କଲା । ତାପରେ ସେ ଆଉ ପଛକୁ ଫେରି ଚାହିଁନଥିଲେ ।

ସୁଧାକର ଦ୍ୱିବେଦୀ ନାଟକ ଲେଖିବା ଆରମ୍ଭ କଲା ବେଳକୁ ନବକୁମାର ସାହୁ, ରଘୁନାଥ ପଣ୍ଡା, ବୀର କିଶୋର ଦାସ, ଗନ୍ଧର୍ବରାଜ ପରିଜା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ଆହୁରି ଅନେକ ପ୍ରତିଷ୍ଠିତ ନାଟ୍ୟକାର ଭାବେ ମାନ୍ୟତା ପାଇ ସାରିଥିଲେ । ମାତ୍ର ସେମାନଙ୍କ ଲେଖାରେ ମୌଳିକତା ନଥିଲା । ବଙ୍ଗଳା, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାର ନାଟକକୁ ଅନୁବାଦ କରି ସେମାନେ ନିଜର ନାଟକ ରଚନା କରୁଥିଲେ । ଠିକ୍ ସେତିକିବେଳେ ସୁଧାକର ଦ୍ୱିବେଦୀ ସଦର୍ପେ ପାଦ ଦେଲେ ନାଟକ ରଚନା କ୍ଷେତ୍ରରେ । ଓଡିଶାର ଜନଜୀବନ କଥାକୁ ସାଉଁଟି ଆଣି ତାହାକୁ ନାଟକର ରୂପ ଦେଲେ 'ଗୃହଲକ୍ଷ୍ମୀ' ନାଟକରେ । ପାରିବାରିକ ପୃଷ୍ଠଭୂମି ଉପରେ ଆଧାରିତ ଏହି ନାଟକ ନାରୀ ଚରିତ୍ରର ସ୍ୱାର୍ଥ, ତ୍ୟାଗ ଓ ମହନୀୟତା ଉପରେ ପର୍ଯ୍ୟବେଶିତ ଥିଲା । ବଳିଷ୍ଠ କାହାଣୀ, ଉଚ୍ଚକୋଟୀର ସଂଳାପ ଓ ନାଟକୀୟ ଉତ୍କଣ୍ଠା ଏଥିରେ ଭରି ରହିଥିଲା । ଗୃହଲକ୍ଷ୍ମୀ ନାଟକ ମଞ୍ଚସ୍ଥ କରି ସେତେବେଳର ନାମୀ ଯାତ୍ରାଦଳ ଉତ୍ତରକୂଳ ଅପେରା ରାତାରାତି ବହୁ ଚର୍ଚ୍ଚିତ ହୋଇପାରିଥିଲା । ଆଉ ଏଥି ସହିତ ସୁଧାକର ଦ୍ୱିବେଦୀ ବି ସମସାମୟିକ ନାଟ୍ୟକାରମାନଙ୍କ ସହ ସମକକ୍ଷ ହୋଇପାରିଥିଲେ ।

ସ୍ରଷ୍ଟା ତାର ସୃଷ୍ଟିକୁ ଦେଖି ଆତ୍ମବିଭୋର ହୁଏ । ଯୁବସୁଲଭ ମନ, ପ୍ରତିବଦ୍ଧତା ଓ ଦୃଢ ଇଚ୍ଛାଶକ୍ତି ସୁଧାକରଙ୍କୁ ଗୋଟିଏ ପରେ ଗୋଟିଏ ନାଟକ ଲେଖିବାକୁ ପ୍ରେରଣା ଯୋଗାଇଲା । ଏହାପରେ ସେ ଲେଖିଚାଲିଲେ ଶଙ୍ଖା ଶାଢୀ ସିନ୍ଦୁର, ଅନ୍ଧମୁନି ଅଭିଶାପ, ପ୍ରେମ ସମାଧିରେ ବିବାହ ବେଦୀ, ଅଭିଶପ୍ତ ଚମ୍ବଲ, ଶପଥ ନୁହେଁ କଳଙ୍କ, ରଘୁ ଅରକ୍ଷିତ, ମହାସତୀ ପାର୍ବତୀ ଓ ବିପ୍ଳବୀର ଅପମୃତ୍ୟୁ ପରି ଅନେକ କାଳଜୟୀ ନାଟକ । ଏସବୁ ନାଟକ ଥିଲା ସେ ସମୟର ନାଟ୍ୟ ଜଗତର ଗୋଟିଏ ଗୋଟିଏ ସଫଳ ଓ ନାଁକରା ନାଟକ । ସବୁଥିରେ ଥିଲା ଉତ୍କଳୀୟ ପଲ୍ଲୀ ଜୀବନର କଥା ଓ ମାଟି ପାଣି ପବନର ଛିଟା। ଏହି ନାଟକ ଗୁଡିକ ଜଗତସିଂହପୁରର ପ୍ରଖ୍ୟାତ ଯାତ୍ରାଦଳ ପାର୍ବତୀ, ତାରପୁର, ବେଣୀରାମପୁର ଓ ଉତ୍ତରକୂଳ ଦ୍ୱାରା ବହୁବାର ମଞ୍ଚସ୍ଥ ହୋଇ ଉଚ୍ଚ ପ୍ରଶଂସିତ ହୋଇପାରିଥିଲା । ତନ୍ମଧ୍ୟରୁ ପାର୍ବତୀ ଗଣନାଟ୍ୟ ଦ୍ୱାରା ମଞ୍ଚସ୍ଥ ନାଟକ 'ଚମ୍ବଲ ଡାକୁ' ତାରପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ରଘୁ ଅରକ୍ଷିତ' ବେଣୀରାମପୁର ଅପେରା ଦ୍ୱାରା ମଞ୍ଚସ୍ଥ 'ଶପଥ ନୁହେଁ କଳଙ୍କ' ଓ ଉତ୍ତରକୂଳ ଅପେରା ଦ୍ୱାରା ମଞ୍ଚସ୍ଥ 'ଗୃହଲକ୍ଷ୍ମୀ' ଓ ଅନ୍ୟାନ୍ୟ ନାଟକ ସୁଧାକର ଦ୍ୱିବେଦୀଙ୍କୁ ନାଟ୍ୟକାର ଭାବେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥିଲା ସମଗ୍ର ଓଡିଶାରେ ।

ଏଭଳି ଜଣେ ପ୍ରତିଭାଦୀପ୍ତ ନାଟ୍ୟକାରଙ୍କର ଜୀବନଦୀପ ନିର୍ବାପିତ ହେଲା ୧୯୮୨ମସିହା ଜୁନ୍ ୨୦ ତାରିଖରେ । ତାଙ୍କର ଅକାଳ ବିୟୋଗରେ ଯାତ୍ରା ଜଗତର ଅପୁରଣୀୟ କ୍ଷତି ଘଟିଲା । ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା । ନାଟ୍ୟକାର ସୁଧାକର ଦ୍ୱିବେଦୀ ଓଡିଶା ଇତିହାସରେ ଯେଉଁ ସ୍ଥାନ ପାଇବା କଥା ତାହା ଏପର୍ଯ୍ୟନ୍ତ ପାଇ ନାହାନ୍ତି। ଏହି ନାଟ୍ୟକାରଙ୍କ ସ୍ମୃତି ପାଇଁ ସରକାରୀ ସ୍ତରରେ ସେଭଳି କିଛି ପଦକ୍ଷେପ ନିଆଯାଇନାହିଁ । କେବଳ ତାଙ୍କ ଗାଁରେ ଗଢାଯାଇଥିବା ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତିପରିଷଦ ତାଙ୍କ ପରିବାର ସହାୟତାରେ ପ୍ରତିବର୍ଷ ତାଙ୍କ ଜନ୍ମ ମାଟିରେ ତିଆରି ହୋଇଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସ୍ମୃତି ଚାରଣ କରାଯାଇଥାଏ। ପ୍ରତିମୂର୍ତ୍ତି ହେଉଛି ପୂଜ୍ୟପୂଜାର ଏକ ପ୍ରତୀକ । ପୂର୍ବପୁରୁଷଙ୍କୁ ମନେ ପକାଇବାପାଇଁ ଏହା ଏକ ମାଧ୍ୟମ। ଏହିଭଳି ଜଣେ ଯୋଗଜନ୍ମା ନାଟ୍ୟକାରଙ୍କ ସୁଯୋଗ୍ୟ ଦାୟାଦ ଭାବରେ ଆମର କ'ଣ କିଛି କର୍ତ୍ତବ୍ୟ ବୋଧ ନାହିଁ । ଏମିତି ଜଣେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀ ଅଲୋଡା ହୋଇରହିଛନ୍ତି । ତାଙ୍କୁ ରାଜ୍ୟସ୍ତରରେ ପରିଚୟ ଦେବା ଆମର ଦାୟିତ୍ୱ । ଏଦିଗରେ ଓଡିଶା ସରକାର ବିଧିବଦ୍ଧ ପଦକ୍ଷେପ ନେଲେ ତାଙ୍କର କୃତି ଓ କୀର୍ତ୍ତି ରାଜ୍ୟସ୍ତରରେ ପହଞ୍ଚିପାରନ୍ତା । ନିକଟରେ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ଓ ବିଶିଷ୍ଟ ଓଡିଶୀ କଣ୍ଠଶିଳ୍ପୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀ ଓ ଶ୍ରଦ୍ଧୋତ୍ସବକୁ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଅନେକ ଅଭୁଲା ସ୍ମୃତିକୁ ସାଉଁଟି ପୂଜ୍ୟପୂଜାକୁ ସମ୍ମାନ ଦେଉଥିବା ସଂସ୍କୃତି ବିଭାଗ ଓଡିଶା, ସାହିତ୍ୟ ଏକାଡେମୀ, ଓଡିଶା ସଂଗୀତ ଏକାଡେମୀ ବିଶେଷକରି ରାଜ୍ୟ ସରକାର ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବକୁ ବିଧିବଦ୍ଧ ଭାବେ ପାଳନ କରିବାକୁ କେବେ ନିଷ୍ପତ୍ତି ନେବେ ତାହାକୁ ଜିଲ୍ଲାବାସୀ ଅପେକ୍ଷା କରିଛନ୍ତି !

*ସଭାପତି ସାରସ୍ୱତ ପରିଷଦ,*
*ଜଗତସିଂହପୁର ମୋ -*
*୯୩୩୭୨୨୧୯୨୪*

# ଜ୍ଞାନୀ ଗୁରୁଙ୍କ ଦିବ୍ୟ ଶିକ୍ଷାଦାନ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଜଣେ ସମ୍ମାନୀୟ ଗୁରୁ ତାଙ୍କର ଆଶ୍ରମରେ କେତେ ଜଣ ଶିଷ୍ୟଙ୍କ ସହିତ ରହି ତାଙ୍କ ପାଖକୁ ନବାଗତ କେହି ଦର୍ଶନ ଉପଦେଶ ଆଶୀର୍ବଚନ ପାଇଁ ଆସୁଥିଲେ। ଏପରି ସେ ଗୁରୁଙ୍କର ନାମ ଲୋକରେ ଖ୍ୟାତ ହେଲା, ଆଉ କେତେକ ତଳ ଉତ୍ସାହୀ ଶିକ୍ଷା ପାଇଁ ଦୀକ୍ଷା ପାଇଁ ତାଙ୍କ ପାଖକୁ ଆସୁଥିଲେ। ଦିନ ଦୁଇଜଣ ସାଥି ତାଙ୍କ ପାଖକୁ ଦୀକ୍ଷା ଲାଭ ମାନସରେ ଆସିଲେ। ଗୁରୁଙ୍କୁ ପ୍ରଣାମ କଲେ ଗୁରୁଙ୍କ ଶିଷ୍ୟ ସମ୍ଭାଷଣ ସଭାରେ ବସିଲେ, ସଭା ସମାପ୍ତି ହେଲା। ସଭାସଦମାନେ ଗୁରୁଙ୍କୁ ପ୍ରଣାମ କରି ଜଣେ ଜଣେ ଆଜ୍ଞାନେଇ ବିଦାୟ ନେଉଥାନ୍ତି। ଶେଷକୁ ସେହି ଦୁଇ ସାଙ୍ଗ ରହିଲେ ପୁନଃ ପ୍ରଣାମ କରି ପାଦରେ ପଡି ରହିଲେ। ଗୁରୁ କହିଲେ ଉଠ ବତ୍ସ, ତୁମର ଅଭିପ୍ରାୟ କୁହ। ବୁଝାଯିବ। ଏକ ସାଥିରେ ଦୁଇ ସାଥି କହିଲେ ବାବା ଆମେ ଆପଣ ଠାରୁ ଦୀକ୍ଷା ନେବାକୁ ଆସିଛୁ ଆମକୁ ଏହା ମିଳୁ।

ଗୁରୁ କହିଲେ, ହଁ ଦୀକ୍ଷା ଦିଆଯାଇପାରେ ମାତ୍ର ପ୍ରଥମେ ଏକ ପରୀକ୍ଷା କରାଯିବ। ପରୀକ୍ଷାରେ ସଫଳ ହେଲେ ତୁମକୁ ଆଶ୍ରମ ନିୟମ ଅନୁସାରେ ଚଳିଲେ ଦୀକ୍ଷା ମୟରେ ଦୀକ୍ଷା ଦିଆଯିବ। ସାଥି ଦୁଇଜଣ ଏ ପ୍ରସ୍ତାବରେ ଏକ ପ୍ରକାର ରାଜି ହୋଇ କି ପ୍ରକାର ପରୀକ୍ଷା ପାଇଁ ଉସ୍ତୁକ ହେଲେ। ଗୁରୁ ଦୁଇଜଣଙ୍କୁ ଦୁଇଟି ପାରା (ପକ୍ଷୀ) ଦେଇ କହିଲେ, ଯେଉଁଠି କେହି ଦେଖୁନଥିବେ ସେଠାରେ ଏହାଙ୍କୁ ମାରି ମୋ ପାଖକୁ ଆସ ମୁଁ ତୁମକୁ ପରୀକ୍ଷାର ଫଳ ଜାଣି ଦୀକ୍ଷା ଦେବା ନ ଦେବା ବ୍ୟବସ୍ଥା କରିବି ? ଏଥି ମଧ୍ୟରୁ ଏକ ପାରାଟିକୁ ନେଇ କିଛି ଦୂରରେ ନିଜର ପିନ୍ଧିବା ବସ୍ତ୍ର ମଧ୍ୟରେ ଧରି ବେକ ମୋଡ଼ି ମାରି ଗୁରୁଙ୍କ ପାଖରେ ପାରାକୁ କେହି ଦେଖି ପାରିନାହାଁନ୍ତି ଏମିତି ସ୍ଥାନରେ ମାରି ଆଣିଲି ମୋତେ ଆପଣଙ୍କର ଆଦେଶ ମାନି ନେବାରେ ପ୍ରଥମ କରି ଦୀକ୍ଷା ଦିଅନ୍ତୁ। ଗୁରୁ କହିଲେରେ ବତ୍ସ ଅପେକ୍ଷା କର ତୋର ଅନ୍ୟ ସାଥି ଆସିଲେ ତାର ଘଟଣା ଜାଣିଲେ ତାପରେ ଦୀକ୍ଷା ବ୍ୟବସ୍ଥା କରାଯିବ। ପାରା ମାରିବା ପାର୍ଥିଟିକୁ ଅପେକ୍ଷା କରିବାକୁ ପଡ଼ିଲା ଅନ୍ୟ ପ୍ରାର୍ଥୀଟି ଅନେକ ସ୍ଥାନ ଖୋଜିଲା ଯେଉଁ ଦେଖିଲା ସୂର୍ଯ୍ୟ ଚନ୍ଦ୍ର ପବନ ବିଭିନ୍ନ ଜୀବଜନ୍ତୁ ଗଛଲତା, ମନୁଷ୍ୟଗଣ ପୁଣି ନିଜେ ପୁଣି ପାରାଟି ଘଟଣାଟି ଦେଖୁଛି, ଅତଏବ କେଉଁଠି ଅଚି ସ୍ଥାନ ଯେଉଁଠି କେହି ଦେଖୁନାହିଁ। ସେ ଫେରି ଆସି ଗୁରୁଙ୍କୁ କହିଲା ଗୁରୁଦେବ ଏ ପାରାକୁ ଏମିତି ସ୍ଥାନ କେଉଁଠି ପାଇଲିନି ଯେଉଁଠି ତାକୁ ମାରିପାରିବି। ମୋତେ କ୍ଷମା କରନ୍ତୁ ଏପରି ମୁଁ କରିପାରିବି ନାହିଁ। ଉପଯୁକ୍ତ ମନେକରି ଏହି ପାର୍ଥୀଟିକୁ ଗୁରୁ ଦୀକ୍ଷା ଦେଇଥିଲେ। ସଂସାରରେ ସର୍ବତ୍ର ଭଗବାନଙ୍କର ଦୃଷ୍ଟି ସବୁକ୍ଷେତ୍ରରେ ଭଗବାନଙ୍କ ଦୃଷ୍ଟି କେବଳ ଈଶ୍ୱର ବିଶ୍ୱାସୀ ହିଁ ଏହା ଭାବିପାରେ।

*ବରେଣ୍ୟ ବାଣୀ' ପିସି*
*ସରକାର ଲେନ୍, ଅରୁଣୋଦୟ*
*ମାର୍କେଟ, କଟକ*

# ପ୍ରାଥମିକ ଶିକ୍ଷାରେ ସଂସ୍କାର ଜରୁରୀ

ସୌଭାଗ୍ୟ ରଂଜନ ମହାନ୍ତି

ପ୍ରାଥମିକ ବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ଭାରତ ସାର୍ବଜନୀନ ସ୍ତରର ନିକଟତର ହୋଇଥିବା ନେଇ ନିକଟରେ ୟୁନୋସ୍କୋର ଗ୍ଲୋବାଲ ଏଜୁକେସନ ମନିଟରିଂ ରିପୋର୍ଟ(ଜିଇଏମଆର) ୨୦୨୪-୨୫ରେ ପ୍ରକାଶିତ ତଥ୍ୟ ନିଶ୍ଚିତ ଭାବେ ଦେଶର ଶିକ୍ଷାମନ୍ତ୍ରଣାଳୟ ପାଇଁ ଏକ ସୁଖଦ ଖବର କିନ୍ତୁ ଏଥିରେ ବଶେଷ ଭାବେ କିଛି ଖୁସି ହେବାର ନାହିଁ। କାରଣ ଅନ୍ୟ କେତେକ ଦେଶ ସହ ଭାରତରେ ନିମ୍ନମାନର ତଥା ଦୁର୍ବଳ ଶିକ୍ଷଣ ଫଳାଫଳ ନେଇ ରିପୋର୍ଟରେ କୁହାଯାଇଛି। ଜିଇଏମଆର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ବିକାଶଶୀଳ ଦେଶଗୁଡିକରେ ୭୩ ପ୍ରତିଶତ ଶିଶୁ ୧୦ବର୍ଷ ବୟସ ସୁଦ୍ଧା ଏକ ସରଳ ପାଠ ପଢି ବୁଝିପାରୁନାହାଁନ୍ତି। ଏହି ସମସ୍ୟା ସମ୍ପର୍କରେ ମଧ୍ୟ ଭାରତର ଏକ ବେସରକାରୀ ସଂସ୍ଥା ଆନୁଆଲ ଷ୍ଟେଟ ଅଫ ଏଜୁକେସନ ରିପୋର୍ଟ(ଅସର) ଦେଶର ପ୍ରାଥମିକ ଶିକ୍ଷା ଅବ୍ୟବସ୍ଥା ସମ୍ପର୍କରେ ପ୍ରତିବର୍ଷ ଉଲ୍ଲେଖ କରିଆସୁଛି। ଅସର-୨୦୨୪ ରିପୋର୍ଟରେ ଦର୍ଶାଇଥିଲା ଯେ, ଦେଶରେ ମାତ୍ର ୨୭.୧ ପ୍ରତିଶତ ତୃତୀୟ ଶ୍ରେଣୀ ଏବଂ ୪୮ପ୍ରତିଶତ ପଂଚମ ଶ୍ରେଣୀ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ପାଠ ପଢିପାରୁନାହାଁନ୍ତି। ଏ ନେଇ ଅସର ତାର ରିପୋର୍ଟରେ ପ୍ରତିବର୍ଷ ଉଲ୍ଲେଖ କରି ଆସୁଥିବାବେଳେ ଶିକ୍ଷା ମନ୍ତ୍ରଣାଳୟ ତଥା ସରକାର ଏଥିପ୍ରତି ଆଖିବୁଜି ଦେଇଥିବା କହିଲେ ଅତିରଂଜିତ ହୋଇନପାରେ। ସେହିପରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅନ୍ୟାନ୍ୟ। ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପିଲାଙ୍କ ଫଳାଫଳ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିଲାଗି ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଅପରିହାର୍ଯ୍ୟ ହୋଇଥିବାବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଇନାହାଁନ୍ତି। ଏବେ ମେଳା ମାଧ୍ୟମରେ ଶିକ୍ଷକ ନିଯୁକ୍ତି କରାଯିବା ଏକ ପରମ୍ପରାରେ ପରିଣତ ହୋଇଛି। ଯାହାର ପରିଣତି ସ୍ୱରୁପ ନକଲି ପ୍ରମାଣପତ୍ର ଧାରୀ, ମୋଟା ଅଙ୍କର ଅର୍ଥ ବଦଳରେ ଶିକ୍ଷକ ନିଯୁକ୍ତି ହେଉଥିବା ନେଇ ଅଭିଯୋଗ ହେଉଛି। ନିକଟରେ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଆମ ରାଜ୍ୟରେ ଶହଶହ ନକଲି ପ୍ରମାଣଧାରୀ ଶିକ୍ଷକ ଧାରା ହୋଇଥିବାବେଳେ ପଶ୍ଚିମବଙ୍ଗରେ ଲାଂଚ ଦେଇ ନିଯୁକ୍ତି ପାଇଥିବା ୩୦ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ଚାକିରି ହରାଇଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ଏହି ଦୁଇଟି ଉଦାହରଣରୁ ଆମ ଦେଶରେ ଶିକ୍ଷକ ନିଯୁକ୍ତିର ଧାରା ଯଥେଷ୍ଟ ହୋଇପାରେ। କେବଳ ଶିକ୍ଷକ ନୁହଁନ୍ତି, ବିଦ୍ୟାଳୟର ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ବା ପ୍ରିନସପାଲ୍ ନିଯୁକ୍ତିରେ ମଧ୍ୟ ଅନୁରୂପ ଅବସ୍ଥା ଥିବା ଜିଇଏମଆର ଉଲ୍ଲେଖ କରିଛି। ପ୍ରଧାନଶିକ୍ଷକ ବା ପ୍ରନିସିପାଲ୍‌ଙ୍କ ମନୋନୟନ ଓ ତାଲିମ ପ୍ରକ୍ରିୟାରେ ସମନ୍ୱୟ ଅଭାବ ଥିବା ରିପୋର୍ଟରେ ଦର୍ଶାଇଛି। ଏହା ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ଅବଧି ଏବଂ ଅନ୍ୟ ଯୋଗ୍ୟତା ଆଧାରରେ ପ୍ରଧାନ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥାଏ। ଯାହାକି ପରମ୍ପରାଗତ ଭାବେ ପ୍ରଚଳିତ ହୋଇ ଆସୁଛି। ଆହୁରି ମଧ୍ୟ ଏକ ସର୍ଭେକୁ ଆଧାର କରି ଜିଇଏମଆର ତାର ରିପୋର୍ଟରେ ଦର୍ଶାଇଛି ଯେ, ଭାରତରେ ଶିକ୍ଷାଦାନ କଥା ତଦାରଖ କରିବା ଅପେକ୍ଷା ସେମାନଙ୍କ ଉପରେ ଅନ୍ୟାନ୍ୟ ଦାୟିତ୍ୱ ତଥା ବିଭିନ୍ନ ତଥ୍ୟ ପ୍ରଦାନ, ମଧ୍ୟାହ୍ନ ଭୋଜନ ପ୍ରସୁତି ଆଦି ଦିଆଯାଉଛି। ଯାହା ଫଳରେ ସେମାନେ ବିଦ୍ୟାଳୟର ନେତୃତ୍ୱ ତଥା ଶିକ୍ଷକମାନଙ୍କ ପାଠପଢାର ଶୈଳୀ ତଦାରଖ କରିପାରୁନାହାଁନ୍ତି। ଆହୁରି ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ବାଛବିଚାର ମଧ୍ୟ ପୁଅ ଓ ଝିଅଙ୍କ ଶିକ୍ଷା କ୍ଷେତ୍ରରେ ପ୍ରଭାବ ପକାଉଥିବା ରିପୋର୍ଟରେ କୁହାଯାଇଛି ଯାହାକି ଅଯଥାର୍ଥ ମନେହୁଏ ନାହିଁ। ଜିଇଏମଆର ଆହୁରି କହିଛି ଯେ, କେବଳ ଭାରତ ନୁହେଁ, ବିଶ୍ୱର ୩୧ ପ୍ରତିଶତ ରାଷ୍ଟ୍ରରେ ପ୍ରାଥମିକ ବିଦ୍ୟାଳୟଗୁଡିକରେ ପ୍ରଧାନଶିକ୍ଷକ ବା ପ୍ରିନିସିପାଲ୍ ନିଯୁକ୍ତି କ୍ଷେତ୍ରରେ କୌଣସି ଆନୁଷ୍ଠାନିକ ବ୍ୟବସ୍ଥାନାହିଁ। ତେବେ ଭାରତର ପଡୋଶୀ ବଙ୍ଗଳାଦେଶ ଓ ଭିଏତନାମ ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସଂସ୍କାର, ତାଲିମ ଏବଂ ବିଦ୍ୟାଳୟ ପରିଚାଳନାରେ ବିକେନ୍ଦ୍ରୀକରଣ କରି ଶିକ୍ଷାଦାନ ଫଳାଫଳକୁ ଉଲ୍ଲେଖନୀୟ ଭାବେ ଉନ୍ନତ କରିପାରିଛନ୍ତି। ସେମାନଙ୍କ ଠାରୁ କିଛି ଶିକ୍ଷା କରାଯାଇପାରେ। ଏହା ନିସନ୍ଦେହ ଯେ, ଦେଶରେ ପ୍ରାଥମିକ ଶିକ୍ଷା ଏବେ ଏକ ଉଦ୍‌ବେଗର କାରଣ ହୋଇ ରହି ଆସିଛି । ଦେଶରେ ସମସ୍ତଙ୍କୁ ଶିକ୍ଷା ବାଧ୍ୟତାମୂଳକ କରାଯାଇଛି। ଶିକ୍ଷାରେ ଉନ୍ନତି ପାଇଁ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିଛନ୍ତି। ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ସରକାର କେତେକ ସଂସ୍କାର ତଥା ଉନ୍ନତିସାଧନ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଶିଖିବା ଓ ଶିଖାଇବା ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ଚିନ୍ତାର କାରଣ ହୋଇଥିବାବେଳେ ପ୍ରାଥମିକ ଶିକ୍ଷାର ସାଂପ୍ରତିକ ପଦ୍ଧତିରେ ସୁଧାର ଆଣିବା ପାଇଁ ଜାତୀୟ ଶିକ୍ଷାନୀତି ପଦକ୍ଷେପ ନେବାର ସମୟ ଏବେ ଆସିଛି।

*ସମ୍ମାନ ଭବନ, ପ୍ଲଟ ନଂ-୫୮/*
*୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ,-*
*୭୫୧୦୦୨*

## ‘ରଥ ଯାତ୍ରା ସଫଳ କରିବାରେ ଏନଜିଓମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’




ପୁରୀ, (ଡିକେ ନ୍ୟୁଜ): ଜିଲ୍ଲା ଆଗାମୀ ରଥଯାତ୍ରାକୁ ଆଖି ଆଗରେ ରଖି ପୁରୀ ପୋଲିସ ପକ୍ଷରୁ ଏନଜିଓମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲିସ ସମ୍ମିଳନୀ କକ୍ଷରେ ଏସ ପି ବିନୀତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଯାତ୍ରା ସମୟରେ ସେବାଦାନ କରୁଥିବା ୪୬୯ଟି ଏନଜିଓଙ୍କ ପ୍ରତିନିଧିମାନେ ଯୋଗଦେଇଥିଲେ। ରଥ ଯାତ୍ରା ସଫଳ କରିବାରେ ଏନଜିଓମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏସପି କହିଥିଲେ ବୈଠକରେ ରାସ୍ତାରେ ଅନାବଶ୍ୟକ ବସ୍ତୁରଖି ବଡଦାଣ୍ଡକୁ ଜାମ ନକରିବା ଖାଦ୍ୟ ଓ ପାନୀୟ ବଣ୍ଟନ ସମୟରେ ପରିଚ୍ଛନ୍ନତା ବଜାୟ ରଖିବା, ସାଧାରଣ କର୍ଡନ ଏରିଆରେ ଅନାବଶ୍ୟକ ଭାବେ ପ୍ରବେଶ ନ କରିବା, ଜରୁରୀକାଳୀନ ଗାଡ଼ି ଚଳାଚଳ ପାଇଁ ବଡଦାଣ୍ଡରେ ସହଯୋଗ କରିବା, ଏନଜିଓର ଆମ୍ବୁଲାନ୍ସ ସେବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ପାର୍କିଂ କରିବା, ବିଶ୍ରାମ ଶିବିର ସଫା ଓ ସୁସଜ୍ଜିତ ରଖିବା, ଶୌଚାଳୟ ସେବାର ସହଯୋଗ, ହଜିଯାଇଥିବା ଶିଶୁ ଓ ବୃଦ୍ଧ ବ୍ୟକ୍ତିଙ୍କୁ ସହାୟତା ଓ ପ୍ଲାଷ୍ଟିକ ବ୍ୟବହାର କମ ଲାଗି ସଚେତନତା ଆଦି ବିଷୟରେ ଏନଜିଓ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏସପି କହିଥିଲେ ଯେ ରଥଯାତ୍ରା ହେଉଛି ଆମ ସମସ୍ତଙ୍କ ପବିତ୍ର ଉତ୍ସବ। ଏହାକୁ ସଫଳ କରିବା ପାଇଁ ଏନଜିଓମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମର୍ପଣଭାବ ନେଇ ରଥଯାତ୍ରାରେ ସହଯୋଗ ଲାଗି ଆଗେଇ ଆସୁଥିବାରୁ ସେ ଏନଜିଓ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରତାପ, ଡିସି ଜିତେନ୍ଦ୍ର କୁମାର ଦେହୁରୀ, ଟ୍ରାଫିକ ଡିସପି ରାଜକୁମାର ପରିଡାଙ୍କ ସମେତ ସିଂହଦ୍ୱାରଥାନା, ଟାଉନ ଥାନା, କୁମ୍ଭରପଡ଼ା ଥାନା ଏବଂ ସମୁଦ୍ରକୁଳ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

## ରାଇସ ମିଲରେ ଜିଲ୍ଲା ପ୍ରଶାସନର ଅତର୍କିତ ଚଢ଼ାଉ



ଖଡ଼ିଆଳ, (ଡିକେ ନ୍ୟୁଜ): ମାତ୍ରାଧିକ ଧାନ ଗଛିତ ରଖିଥିବା ଅଭିଯୋଗରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଡୁମେରବାହାଲ ଗ୍ରାମ ଲକ୍ଷ୍ମୀପୁର ସ୍ଥିତ ବଂଶଲ ଏଗ୍ରୋ ରାଇସ ମିଲ ଉପରେ ନୂଆପଡା ଜିଲ୍ଲା ପ୍ରଶାସନର ଏକ ମିଳିତ ସ୍ୱତନ୍ତ୍ର ସ୍କୁଆଡ଼ ଟିମ ଅତର୍କିତ ଚଢ଼ାଉ କରି ତଦନ୍ତ ଆରମ୍ଭ କରିଛନ୍ତି। ସ୍କୁଆଡ଼ ଦଳରେ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଖଡ଼ିଆଳ ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାଏକ, ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଅଣ୍ଡୁରାମ ନାୟକ, ଖଡ଼ିଆଳ ବ୍ଲକ ଯୋଗାଣ ଅଧିକାରୀଣୀ ପୂର୍ଣ୍ଣାସା ଭୋଇ ସମେତ ଅନ୍ୟନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ଚଢ଼ାଉରେ ସାମିଲ ରହିଛନ୍ତି। ନୂଆପଡା ଜିଲ୍ଲା ବ୍ୟାପୀ ବିଭିନ୍ନ ସ୍ଥାନରେ ଚଳିତ ରବି ଧାନ ମଣ୍ଡି ଚାଲିଛି। ମଣ୍ଡି ଗୁଡ଼ିକରେ ଅର୍ଣ୍ଣ ଦାତା ଚାଷୀ ତାର ଉପାର୍ଜିତ ଧାନ ମଣ୍ଡିରେ ପକାଇଛନ୍ତି। ମଣ୍ଡି ଗୁଡ଼ିକରୁ ପ୍ରକୃତ ଚାଷୀଙ୍କ ଧାନ ଲିଫ୍ଟ ଟିଙ୍ଗ ହେଉ ନାହିଁ। ଯାହା ଫଳରେ ପ୍ରକୃତ ଚାଷୀ ମଣ୍ଡିରେ ଧାନ ପକାଇ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି। ଯଥା ସମୟରେ ମଣ୍ଡି ଗୁଡିକୁ ମିଲରସ ଆବ୍ୟକୀୟ ଭାରିଯାନ ଟ୍ରକ ପଠାଉ ନାହାନ୍ତି। ଫଳରେ ମଣ୍ଡି ଗୁଡ଼ିକରେ ହଜାର ହଜାର ଧାନ ବସ୍ତା ଖୋଲା ଆକାଶ ତଳେ ପଡିରହିଛି। ଅପରପକ୍ଷେ ପଡୋଶୀ ଛତିଶଗଡ଼ ରାୟପୁରରୁ ରବିଧାନ ସୀମାନ୍ତ ଦେଇ ଓଡ଼ିଶା ନୂଆପଡା ଜିଲ୍ଲାକୁ ଚାଲାଣ ହେଉଥିବା ବିଭିନ୍ନ ସମୟରେ କୁହାଯାଇଛି। ମିଲରସମାନେ ଅସାଧୁ ଧାନ ବ୍ୟବସାୟୀମାନଙ୍କ ସହିତ ଧାନ ରିସାଇକ୍ଲିଂ କରି ମିଲରେ ଗଛିତ ରଖିଥିବା ଅଭିଯୋଗ ହୋଇଛି। ଫଳରେ ମଣ୍ଡିର ଧାନକୁ ମିଲରସ ଉଠାଇବାକୁ ଆଗ୍ରହ ପ୍ରକାଶ କରୁନଥିବା ଅଭିଯୋଗ ହେଉଛି। ଏଭଳି କିଛି ଅଭିଯୋଗକୁ ଭିତ୍ତିକରି ଡୁମେରବାହାଲ ଲକ୍ଷ୍ମୀପୁର ସ୍ଥିତ ବଂଶଲ ଏଗ୍ରୋ ରାଇସ ମିଲ ଉପରେ ଗଛିତ ଧାନ ଷ୍ଟକ ଭେରିଫାଏ କରିବା ପାଇଁ ସ୍କୁଆଡ଼ ଦଳ ଚଢ଼ାଉ କରିଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଏହା ଏକ ରେଗୁଲାର ପ୍ରକ୍ରିୟା ତଦନ୍ତ ଚାଲିଛି ଷ୍ଟକ ଭେରୀଫାଏ କଲାପରେ ସମସ୍ତ ସୂଚନା ଦିଆଯିବ ବୋଲି କହିଛନ୍ତି।

## ଗୋପବନ୍ଧୁ ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

## ଥାଲାସେମିଆ ରୋଗୀଙ୍କୁ ମିଳୁ ନାହିଁ ଔଷଧ

ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଜନସାଧାରଣ ଓ ଅତି ଗରିବ ଶ୍ରେଣୀର ଆଶା ଭରସାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଣଦେଖା ଏକ ଅତି ନିନ୍ଦନୀୟ ବିଷୟ। ଔଷଧ ଅଭାବରୁ ଥାଲାସେମିଆ ରୋଗୀ ହନ୍ତସନ୍ତ, ଔଷଧ ଥାଇ ମଧ୍ୟ ସିଧାସଳଖ ମନା କରିଦେଉଛନ୍ତି ନିରାମୟ କର୍ତ୍ତୃପକ୍ଷ, ଏହି ସମସ୍ୟାକୁ ନେଇ ବାରମ୍ବାର ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଥାଲାସେମିଆ ରୋଗୀମାନଙ୍କ ଦୂର୍ଦଶା ବଢ଼ିବାରେ ଲାଗିଛି, କିଛି ଦିନ ପୂର୍ବରୁ ଶିଶୁ ୱାର୍ଡରେ ବେଡ ଅଭାବରୁ ଗୋଟେ ବେଡ଼ରେ ଦୁଇଜଣ ଥାଲାସେମିଆ ରୋଗୀଙ୍କୁ ରକ୍ତ ଦିଆଯାଉଥିଲା। ପୁଣି ୫ମ ତାଲାରେ ଯେଉଁ ଥାଲାସେମିଆ ରୋଗୀଙ୍କୁ ଚାରୋଟି ବେଡ ମିଳିଛି ତାର ଛାତ ସିଲିଙ୍ଗ ଛିଡି ରୋଗୀଙ୍କ ଉପରେ ପଡିଥିଲା। ଦୁଇ ଶହ ପଚାଶରୁ ଅଧିକ ଥାଲାସେମିଆ ରୋଗୀଙ୍କୁ ଖୋର୍ଦ୍ଧା ଗୋପବନ୍ଧୁ ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଦିଆଯାଏ, କିନ୍ତୁ ୨୦ ବେଡ ବଦଳରେ ୪ଟି ବେଡ ଦିଆଯାଇଛି, ସେ ପୁଣି ବିପଦ ଅବସ୍ଥାରେ, କେତେ ବେଳେ ଯେ କ'ଣ ଘଟିବ ରୋଗୀମାନଙ୍କ ପ୍ରତି ତାହା କହିହେବ ନାହିଁ। ଆଜି ପୁଣି ମେଡିସିନ ନାହିଁ, ମେଡିକାଲ କର୍ତ୍ତୃପକ୍ଷ ଚାହୁଁ ନାହାନ୍ତି ଥାଲାସେମିଆ ରୋଗୀ ଜୀବିତ ରୁହନ୍ତି, ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

## ଛୁରୀ ଭୁସି ପ୍ରେମିକକୁ ହତ୍ୟା, ସ୍ୱାମୀ ଅଟକ

କୋରାପୁଟ, (ଡିକେ ନ୍ୟୁଜ): ପରକୀୟା ପ୍ରୀତି ନେଲା ଜୀବନ, ଛୁରୀ ଭୁସି ପ୍ରେମିକକୁ ହତ୍ୟା, ସ୍ୱାମୀ ଅଟକ। ଏ ଭଳି ଏକ ଘଟଣା ଦେଖିବା ପାଇଁ ମିଳିଛି କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ଏମ ଦଳେଇ ଗୁଡା, ମାନିଆ ଗ୍ରାମରେ। କୁନା ଗଲରୀଙ୍କ ପତ୍ନୀ ଗୌରୀଙ୍କ ସହିତ ସ୍ଥାନୀୟ ଲୁଙ୍ଗୁରି ଗ୍ରାମର ଯୁବକ ଦେବେନ୍ଦ୍ରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଶେଷରେ ଗୌରୀ ନିଜ ସ୍ୱାମୀକୁ ଛାଡି ଦେବେନ୍ଦ୍ରଙ୍କ ପାଖରେ ରହୁଥିଲା। କୁନା ନିଜ ପତ୍ନୀ ଗୌରୀକୁ ବହୁ ବୁଝାସୁଝା କରିଥିଲେ। କିନ୍ତୁ ସେ କିଛି ବୁଝୁ ନ ଥିଲେ। ଗତ ୧୯ ତାରିଖରେ ପେଟକଣା ବ୍ରିଜ ନିକଟରେ କୁନା ଏକ ଧାରୁଆ ଛୁରୀରେ ଦେବେନ୍ଦ୍ରଙ୍କୁ ଆକ୍ରମଣ କରିଥିଲା। ଦେବେନ୍ଦ୍ରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଛୁରା ମାଡ଼ ହୋଇଥିବା ଯୋଗୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କୋରାପୁଟ ସହିତ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଛି। କୁନା ଗୋଲାରୀ ଶନିବାର ପୋଲିସ ପାଖରେ ଆତ୍ମ ସମର୍ପଣ କରିଛି। ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି।

## ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ସ୍ମାରକ ପତ୍ର ଦେଲା ଆମ୍ ଆଦ୍‌ମୀ ପାର୍ଟି

ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ସାରା ରାଜ୍ୟକୁ ନିନ୍ଦିତ, ମନକୁ ଆନ୍ଦୋଳିତ କରିଥିଲା ବେଳେ ଆମ୍ ଆଦମୀ ପାର୍ଟି ତରଫରୁ ଏକ ପ୍ରତିନିଧି ଦଳ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏକ ସ୍ମାରକ ପତ୍ର ଦେଇ ଆଇନ ଶୃଙ୍ଖଳା ସଜାଡି ବାକୁ ଦାବି ରଖିଛନ୍ତି। ଗୋପାଳପୁର ବେଳାଭୂମିରେ ଗତ ଅଳ୍ପ ଦିନ ତଳେ ଜଣେ ୨୦ ବର୍ଷୀୟା ଯୁବତୀ ଉପରେ ଘଟିତ ଗଣଦୁଷ୍କର୍ମ ଘଟଣାକୁ ଦଳ ତୀବ୍ର ଭାଷାରେ ନିନ୍ଦା କରି, ଏହି ନିନ୍ଦନୀୟ ଅପରାଧ ସମସ୍ତ ସଭ୍ୟ ସମାଜର ବିବେକକୁ ଆଘାତ କରିଛି ବୋଲି ପାର୍ଟି ଜିଲ୍ଲା ଆବାହକ ଏବଂ ସାଧାରଣ ସମ୍ପାଦକ କହିଛନ୍ତି। ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦୃଢ଼ ନେତୃତ୍ୱରେ ଅପରାଧୀମାନେ ତୁରନ୍ତ ଗିରଫ ହୋଇଛନ୍ତି ଏବଂ ତଦନ୍ତ ଦ୍ରୁତ ଗତିରେ ଚାଲିଛି। ପୋଲିସ ପ୍ରଶାସନର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ପ୍ରଶଂସନୀୟ ତଥାପି, ଗଭୀର ଚିନ୍ତାର ବିଷୟ ଯେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ଘଟୁଛି। ଦୁଷ୍କର୍ମ, ହତ୍ୟା, ଲୁଟ୍‌ତରାଜ ଭଳି ଗୁରୁତର ଅପରାଧ ଗଞ୍ଜାମ ଜିଲ୍ଲା ତଥା ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଦିନକୁ ଦିନ ବୃଦ୍ଧି ପାଇବାରୁ ସାଧାରଣ ଜନତା ଆତଙ୍କିତ ଓ ଅସୁରକ୍ଷିତ ଅନୁଭବ କରୁଛନ୍ତି। ବ୍ରହ୍ମପୁରର ଜନସଂଖ୍ୟା ଓ ଭୌଗୋଳିକ ବିସ୍ତାରକୁ ଦୃଷ୍ଟିରେ ରଖି ଏଠାରେ ପୋଲିସ କମିଶନରେଟ୍ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ବିଭିନ୍ନ ସାମାଜିକ ସଂଗଠନ ବିଗତ ବର୍ଷଗୁଡ଼ିକରେ ଦୃଢ଼ ଦାବି ଉପସ୍ଥାପନ କରିଆସିଛନ୍ତି। ଆଇନ ଶୃଙ୍ଖଳା ଯେକୌଣସି ଗଣତାନ୍ତ୍ରିକ ସରକାରର ପ୍ରଥମ ଓ ସର୍ବାଧିକ ପ୍ରାଥମିକତା। ଏହି କ୍ଷେତ୍ରରେ ସରକାରଙ୍କର ଅଧିକ ସମ୍ବେଦନଶୀଳତା ଓ ସକ୍ରିୟତା ଆବଶ୍ୟକ, ଯାହାର ଘୋର ଅଭାବ ବର୍ତ୍ତମାନ ପ୍ରଶାସନିକ ବ୍ୟବସ୍ଥାରେ ଦୃଷ୍ଟିଗୋଚର ହେଉଛି। ସରକାରଙ୍କ ଅବନତିଶୀଳ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଧାର କରିବା। ବ୍ରହ୍ମପୁରରେ ତୁରନ୍ତ ପୋଲିସ କମିଶନରେଟ୍ ବ୍ୟବସ୍ଥା ପ୍ରତିଷ୍ଠା କରିବା, ପୋଲିସ ପ୍ରଶାସନକୁ ଅଧିକ ଶକ୍ତିଶାଳୀ, ସକ୍ରିୟ ଓ ଜନମୁଖୀ କରିବା। ମହିଳା ସୁରକ୍ଷା ନିମନ୍ତେ ତୁରନ୍ତ ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ମହିଳା ପ୍ରତି ନ୍ୟାୟ ପ୍ରଦାନ କରିବା ପାଇଁ ପୋଲିସ ପ୍ରଶାସନକୁ ପ୍ରସ୍ତାବ ଦଳ ତରଫରୁ ଦିଆଯାଇଛି। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ସୁବାଷ ରାଉତ, ଜିଲ୍ଲା ସମ୍ପାଦକ ଆଦିତ୍ୟ ନାରାୟଣ ରଥ, ଗୋପାଳପୁର ବିଧାନସଭା ବିଧାୟକ ପ୍ରାର୍ଥୀ ପି.ନୀଳକଣ୍ଠ ରେଡ୍ଡୀ, ପଦ୍ମନାଭ ମହାରଣା, ସୁଧୀର ପ୍ରଧାନ, ରମେଶ ବେହେରା, ଆଡ଼ଭୋକେଟ କୈଳାଶ ସେଠୀ, ସୁଦର୍ଶନ ମଲ୍ଲିକ, ଶିବ କୁମାର କରାଡ଼ି, ମହମଦ ସଲିମ, ନିଭସ୍ମିତା ପ୍ରଧାନ, କେ.ମନୋଜ ରେଡ୍ଡୀ, ଏସ. କ୍ରିଷ୍ଣା ରେଡ୍ଡୀ, ଗୋପୀ ରେଡ୍ଡୀ, କିରଣ ରେଡ୍ଡୀ, ଅଜାମ୍ବିଳ ବିଶ୍ୱାଳ, ଶିବା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶା କର୍ମୀ ଦୁଷ୍କର୍ମ ଉଦ୍ୟମ ଘଟଣା: ଏସପିଙ୍କୁ ଅଭିଯୋଗ ପରେ ଅଭିଯୁକ୍ତ ଗିରଫ




ଧର୍ମଗଡ଼, (ଡିକେ ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଜୈନିକା ଆଶା କର୍ମୀଙ୍କୁ ଗତ ୨ ତାରିଖରେ ହସ୍ପିଟାଲରେ ସ୍ୱିପର ଥିବା କର୍ମଚାରୀ ସୁଦର ନାଏକର ପୁଅ କୁଶ ନାଏକ (ସାନ) ଆଶା କର୍ମୀ ମହିଳା ଶୌଚାଳୟକୁ ଶୌଚ ପାଇଁ ଯାଇଥିବା ସମୟରେ ବଳ ପୂର୍ବକ ପଶି ଦୁଷ୍କର୍ମ ଉଦ୍ୟମ କରିଥିବା ବେଳେ ଆଶା କର୍ମୀ ପାଟି କରିବାରୁ ସେଠାରୁ ଚମ୍ପଟ ମାରିଥିଲା। ଏନେଇ ଆଶା କର୍ମୀ ଗତ ୪ ତାରିଖରେ କୋକସରା ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ ମହିଳା ଥାନା ଅଧିକାରୀ ସ୍ମିତାରାଣି ସୁନା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବ୍ଲକ ଆଶା ସଂଘ ପକ୍ଷରୁ ପୁଣି ୯ ତାରିଖରେ ଅଭିଯୁକ୍ତକୁ ଶୀଘ୍ର ଗିରଫ ପାଇଁ ଦାବି କରାଯାଇଥିଲା, ହେଲେ ଆଶା ସଂଘର ଦାବି ସତ୍ତ୍ୱେ ମଧ୍ୟ ଅଭିଯୁକ୍ତକୁ ଗିରଫ ପାଇଁ ଥାନା ଅଧିକାରୀ କୌଣସି ପଦକ୍ଷେପ ନନେବାରୁ ରାଜ୍ୟ ଓ ଜିଲ୍ଲା ଆଶା ସଂଘ ସ୍ୱେଚ୍ଛାସେବୀ ସଙ୍ଗଠନ ଭାରତୀୟ ମାନବ ଅଧିକାର କାଉନ୍ସିଲକୁ ଲିଖିତ ଭାବେ ଘଟଣାରେ ନ୍ୟାୟ ପାଇବା ପାଇଁ ଜଣାଇଥିଲେ। ପରେ ଭାରତୀୟ ମାନବ ଅଧିକାର କାଉନ୍ସିଲ ଓ ଆଶା ସଂଘର ଏକ ପ୍ରତିନିଧି ଦଳ ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫା, ଜିଲ୍ଲା ସଭାପତି ଅନିଲ କୁମାର ସାହୁ, ଜିଲ୍ଲା ସଂଯୋଜକ ଧବଳେଶ୍ୱର ପାନ, ଆଶା ସାମୁଖ୍ୟ ରାଜ୍ୟ ସଂଘ ନେତ୍ରୀ ପଙ୍କଜିନି ନାୟକ, ଜିଲ୍ଲା ସଭାପତି ସୂର୍ଯ୍ୟକାନ୍ତି ନାଏକ ଗତ ବୁଧବାର କଳାହାଣ୍ଡି ଏସପିଙ୍କୁ ଭେଟି କୋକସରା ଥାନା ଆଇଆଇସି ଅଭିଯୋଗର ଦୀର୍ଘଦିନ ପରେ ମଧ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ କୌଣସି ଠୋସ ପଦକ୍ଷେପ ନେଇ ନଥିବା ଅଭିଯୋଗ ସହ ପୀଡିତା ଆଶା କର୍ମୀଙ୍କୁ ନ୍ୟାୟ ପ୍ରଦାନ ଅଭିଯୁକ୍ତକୁ ଗିରଫ ପାଇଁ ଦାବି କରିଥିଲେ। ଘଟଣାକୁ ଗୁରୁତ୍ୱ ଦେଇ ଏସପିଙ୍କ ନିର୍ଦ୍ଦେଶ ପରେ ପୋଲିସ ପକ୍ଷରୁ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତନାଘନା ଆରମ୍ଭ ହୋଇଥିଲା। କୌଣସି ସୂତ୍ରରୁ ଖବର ମିଳିବା ପରେ ଅଭିଯୁକ୍ତ ଯୁବକ କୁଶ ନାଏକକୁ ପଡୋଶୀ ରାଜ୍ୟ ଛତିଶଗଡ଼, ରାୟପୁରରୁ ଗିରଫ କରିଥିଲା କୋକସରା ପୋଲିସ। ଏହି ଘଟଣାରେ ଶନିବାର ଅଭିଯୁକ୍ତ କୁଶ ନାଏକକୁ କୋକସରା ପୋଲିସ କୋର୍ଟ ଚାଲାଣ କରିଛି।

## ସୋରଡାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ

ସୋରଡ଼ା, (ଡିକେ ନ୍ୟୁଜ୍): ଆଜି ସାରା ବିଶ୍ୱ ପାଳୁଛି ଆନ୍ତର୍ଜାତିକ ଯୋଗ ଦିବସ। ଏହି ପରିପେକ୍ଷୀରେ ଗଞ୍ଜାମ ଜିଲ୍ଲା ସୋରଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପଞ୍ଚାୟତ ସମିତି ପକ୍ଷରୁ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ସୋରଡ଼ାବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ତରଫରୁ ସ୍ମାର୍ଟ ପାର୍କରେ ଆୟୋଜିତ ଯୋଗ ଦିବସ ପାଳନରେ ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଶିବଶଙ୍କର ପଣ୍ଡା ଓ ସୋରଡ଼ା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସଞ୍ଜୀବ ରାଜ ସେନାପତି, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଉପସ୍ଥିତ ରହିବା ସହ ସମସ୍ତଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବା ପାଇଁ କହିଥିଲେ। ଯୋଗ କରିବା ଦ୍ୱାରା ଶରୀର ସୁସ୍ଥ ରହିବ ବୋଲି ମଧ୍ୟ କହିଥିଲେ। ବିଭିନ୍ନ ପ୍ରକାର ଯୋଗାସନ ମାଧମରେ ଯୋଗ କରି ନିଜର ଜୀବନକୁ ସୁସ୍ଥଓ ରୋଗମୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଓ ସୋରଡ଼ା ପଞ୍ଚାୟତ ସମିତିର କର୍ମଚାରୀଙ୍କ ସହ ସୋରଡ଼ା ଅବକାରୀ ବିଭାଗ ଓ ଅଞ୍ଚଳର ସମସ୍ତ ବୁଦ୍ଧିଜିବି ସମାଜ ସେବୀ ଉପସ୍ଥିତ ଥିଲେ।

## ନବୀନଙ୍କ ଆରୋଗ୍ୟ କାମନା ପାଇଁ ଦ୍ୱୀପ ଜାଳିଲେ

ଯାଜପୁର, (ଡିକେ ନ୍ୟୁଜ୍): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସ୍ତ୍ରୋପଚାର ରବିବାର ମୁମ୍ବାଇରେ ହେବାର ଅଛି। ଦଳ ସଭାପତିଙ୍କ ସଫଳ ଅସ୍ତ୍ରୋପଚାର ପାଇଁ ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ ଓ ନବୀନ ପ୍ରେମୀ ଶତାଧିକ ବିଜେଡି କର୍ମୀ ଶନିବାର ରାମଚନ୍ଦ୍ରପୁର ରାମେଶ୍ୱର ଦେବଙ୍କ ପୀଠରେ ସମୂହ ଦ୍ୱୀପ ଦାନ ସହ ତାଙ୍କର ଆରୋଗ୍ୟ କାମନା କରିଛନ୍ତି। ନବୀନ ବାବୁଙ୍କ ପାଇଁ ଶନିବାର ଓଡ଼ିଶାରେ ବ୍ୟାପକ ଉନ୍ନତି ସମ୍ଭବ ହୋଇପାରିଛି। ଏଭଳି ନେତୃତ୍ୱଙ୍କ ସହ କାମ କରି ନିଜକୁ ଧନ୍ୟ ମନେ କରିଥିବା ଶ୍ରୀ ମଲ୍ଲିକ କହିଛନ୍ତି।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ରାୟଗଡ, (ଡିକେ ନ୍ୟୁଜ୍): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବିକାଶ ମେଳା ମଞ୍ଚ ଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ରାୟଗଡ଼, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ, ରାୟଗଡ଼, ରମେଶ କୁମାର ଜେନା, ରାୟଗଡ଼ ବିଡ଼ିଓ, ସୁଜିତ କୁମାର ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ଶିକ୍ଷକ୍ଷ ଅଧିକାରୀ ରାମ ନାହାକ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡ଼ ବସନ୍ତ କୁମାର ପ୍ରଧକ୍ଷନ, ଓରମାସ ଡେପୁଟି ସିଓ, ମନୋଜ କୁମାର ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସ୍ୱର୍ଣ୍ଣ ଲତା ରାଉତ, ପୌରନିର୍ବାହୀ ଅଧିକାରୀ କୁଳଦୀପ କୁମାର, ପିଏମ ଫାଇନାନ୍ସ ରଶ୍ମୀକାନ୍ତ ପରିଡ଼ା, ଏପିଡି ପ୍ରଭାତ ଲେଙ୍କା ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ କରାଯାଇଛି।



## କାର୍ଯ୍ୟ ସରିବାର ବର୍ଷେ ନ ପୂରୁଣୁ ରାସ୍ତାସାରା ଖାଲ



ନାଉଗାଁ, (ଡିକେ ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଡିହ-ତେଲସରା ରାସ୍ତାର ଉନ୍ନତିକରଣ କାର୍ଯ୍ୟ ୧ବର୍ଷ ତଳେ ଶେଷ ହୋଇଛି। ରାସ୍ତା କାର୍ଯ୍ୟ ସରିବା ବର୍ଷେ ହୋଇଥିବା ବେଳେ ୧୦ କି.ମି ରାସ୍ତା ମଧ୍ୟରେ ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଛୋଟ ବଡ ଖାଲ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରିକି ରାସ୍ତାରେ ନିର୍ମାଣ କରାଯାଇଥିବା କଂକ୍ରିଟ ରାସ୍ତାରେ ଖାଲ ସୃଷ୍ଟି ହୋଇଥିବା ବେଳେ ପିଚୁ ରାସ୍ତାରେ ପିଚୁ ଉଠିବା ସହିତ ରାସ୍ତାର ଉଭୟ ପାର୍ଶ୍ୱ ଦବି ଥିବାର ଦେଖିବାକୁ ମିଳିଛି। ଏହି ରାସ୍ତାଟି ପୂର୍ତ୍ତ ବିଭାଗର ଜଗତସିଂହପୁର ବିଭାଜନ ଅଧିନରେ ରହିଛି। ରାସ୍ତାଟିକୁ ବିଭାଗ ପକ୍ଷରୁ ପ୍ରତିବର୍ଷ ମରାମତି କରାଯାଉଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାରୁ ପିଚୁ ସହିତ କଂକ୍ରିଟ ଉଠିଯାଇଥିଲା। ଯାହାଫଳରେ ଜନସାଧାରଣଙ୍କୁ ଯିବା ଆସିବାରେ ବହୁ ସମସ୍ୟା ସୃଷ୍ଟି ହେଉଥିଲା। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ଟେଣ୍ଡର କରାଯାଇ ରାସ୍ତା କାର୍ଯ୍ୟ କରାଯାଇଥିଲା। ମିଳିଥିବା ସୂଚନାନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ଠିକାଦାରକୁ ନିଯୁକ୍ତ କରାଯାଇଥିଲା। ଏହି ୧୦.୩୫୦ କି.ମି ରାସ୍ତାର ଉନ୍ନତିକରଣ କରାଯିବା ପାଇଁ ରାଜ୍ୟ ଯୋଜନାରୁ ୯କୋଟି ୭୬ଲକ୍ଷ ବ୍ୟୟ ବରାଦ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି ରାସ୍ତାଟି ବ୍ଲକର ଏକ ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଦେଇ ପ୍ରତ୍ୟହ ବିଭିନ୍ନ ମାଲବାହୀ, ଯାତ୍ରୀବାହୀ ଯାତାୟତ କରିଥାଏ। ରାସ୍ତାରେ ଛୋଟ ବଡ ଖାଲ ସୃଷ୍ଟି ହେବା ଦ୍ୱାରା ଉକ୍ତ ଖାଲରେ ବର୍ଷା ପାଣି ଜମି ରହୁଛି। ବିଶେଷକରୀ ଉକ୍ତ ରାସ୍ତାର ବାଂଶ ଗ୍ରାମ ନିକଟରେ ଅଧିକା ଦେଖିବାକୁ ମିଳିଛି। ଯାହାଫଳରେ ରାସ୍ତାରେ ଯାନବାହନ ଯିବା ସମୟରେ ଉକ୍ତ ଖାଲ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଦବିବା ଓ ଖାଲ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକ ମତବ୍ୟକ୍ତ କରିଛନ୍ତି। ଅନ୍ୟପଟରେ ବିଭାଗ ପକ୍ଷରୁ ରାସ୍ତାର ସୁରକ୍ଷା ପାଇଁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଛି। କିନ୍ତୁ ଏହି ଗାର୍ଡୱାଲ ଆବଶ୍ୟକ ସ୍ଥାନରେ କରା ନଯାଇ ଅନାବଶ୍ୟକ ସ୍ଥାନରେ ନିର୍ମାଣ କରାଯାଇଛି। ଏବିଷୟରେ ବିଭାଗୀୟ ଏସଡିଓ ଅଶୋକ କୁମାର ଜେନାଙ୍କୁ ପଚାରିବାରେ କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ତଦରଖ କରାଯାଇ ପୁନର୍ବାର ଏଷ୍ଟିମେଂଟ କରାଯାଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ଡାବେରୀ-କୁଟିଙ୍ଗଗୁଡା ରାସ୍ତାରେ ବିନା ରଡ଼ରେ ନିର୍ମାଣଧିନ କଲଭେଟ ଭୁଷୁଡିଲା



ମୁନିଗୁଡା/ଚନ୍ଦ୍ରପୁର, (ଡିକେ ନ୍ୟୁଜ୍): ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତର ଡାବେରୀ - କୁଟିଂଗୁଡା ରାସ୍ତାରେ ବିନା ରଡରେ ନିର୍ମାଣଧିନ କଲଭେଟ ଦୁଇ ମାସ ମଧ୍ୟରେ ଭୁଷିଡି ପଡ଼ି ବିପଦ ସୃଷ୍ଟି କରିଛି। ଚନ୍ଦ୍ରପୁର ବ୍ଲକରେ ଅଧିକାଂଶ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ବ୍ୟକ୍ତି ଅଟନ୍ତି। ହେଲେ ଏମାନଙ୍କର ଶିକ୍ଷା ଦିକ୍ଷା ଉପରେ ବିଶେଷ ଉନ୍ନତି ନାହିଁ ସତ, କିନ୍ତୁ ଏମାନେ ସରଳ ଅଟନ୍ତି। ଏମାନଙ୍କର ସରଳତାର ସୁଯୋଗ ନେଇ ଡାଙ୍ଗସୋରଡାର ପ୍ରଭାତ ଏନଜିଓ ଠାରୁ ଆରମ୍ଭ କରି ଶିକ୍ଷକ, ସରକାରୀ ବାବୁମାନେ ସର୍ବପରି ବ୍ଲକ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀମାନେ ଏମାନଙ୍କ ରାସ୍ତା ଘାଟ ପାଇଁ ସରକାର ଯୋଗାଉଥିବା ଅର୍ଥକୁ ଠିକାଦାର ଓ ଯନ୍ତ୍ରୀ ଚଳୁ କରି ସୁଫଳ ଦଳରେ ବିଫଳ ଯୋଗାଉଛନ୍ତି। ସୂଚନାଯୋଗ୍ୟ ମୁନିଗୁଡା -ଚନ୍ଦ୍ରପୁରୁ ପୂର୍ତ୍ତବିଭାଗ ରାସ୍ତାରୁ ଜୁମ୍ବାଖାଲ ଦେଇ ଡାବେରୀ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିନା ଯନ୍ତ୍ରୀଙ୍କ ଉପସ୍ଥିତିରେ ରାସ୍ତା ନିର୍ମାଣ ହୋଇଥିଲା। ଏହି ରାସ୍ତାକୁ ଠିକାଦାର ତାଙ୍କ ମର୍ଜୀରେ ସମାପ୍ତ କରିବା ୧୫ ଦିନ ପରେ ରାସ୍ତାରୁ କ୍ରମସ ପିଚୁ ସହ ପଥର ଉଠିବାକୁ ଲାଗିଲା। ଏବେ ରାସ୍ତା ସାରା ଖାଲଖମାରୀ ହୋଇ ମଝିରେ ମଝିରେ ରାସ୍ତା ଦିବା ସହ କଲଭେଟ ମଧ୍ୟ ବିପଦ ସୃଷ୍ଟି କରିଛି। ଏଥିରେ ଜେଇ ଠିକାଦାରଙ୍କ ମଧୁ ଚନ୍ଦ୍ରିକାରେ ମାଲେମାଲ ହୋଇଛନ୍ତି। ସେହିପରି ଏହି ରାସ୍ତାରେ ଜୁମ୍ବାଖାଲ- କୁଟିଂଗୁଡା ମଝିରେ ଆରଡି ବିଭାଗ କଲଭେଟ ତିଆରି କରିଛନ୍ତି, ଯେଉଁ ଠିକାଦାରଙ୍କ ମିସ୍ତ୍ରୀ କଲଭେଟ ନିର୍ମାଣ କଲେ ବିନା ରଡ଼ରେ କରୁଥିବାରୁ ଗାଁ ଲୋକେ ସେତେବେଳେ ବିରୋଧ କରିଥିଲେ, ଯେ ତୁମ ଜେଇ ଓ ଠିକାଦାରଙ୍କ ଉପସ୍ଥିତିରେ ରଡ଼ରେ କାମ ହେ, କିନ୍ତୁ ମିସ୍ତ୍ରୀ କହିଥିଲେ ଠିକାଦାର ଜେଇଙ୍କ କହିବା ଅନୁସାରେ ଆମେ ବିନା ରଡରେ କାର୍ଯ୍ୟ କରୁଛୁ। ଏଥିରେ ଆମର ଦୋଷ କ'ଣ ହେଲା ବୋଲି ମିସ୍ତ୍ରୀ ଗ୍ରାମବାସୀଙ୍କୁ କହିଛନ୍ତି। କିନ୍ତୁ କଲଭେଟ ନିର୍ମାଣର ୨/୩ ମାସ ମଧ୍ୟରେ ଏବେ ବର୍ଷା ହେବାରୁ କଲଭେଟ ଭୁଷିଡି ଗଲା। ଲୋକ ଓ ଗୋରୁଗାଈ ଅଳ୍ପକେ ବିପଦରୁ ରକ୍ଷା ପାଇଗଲେ। ଖବର ପାଇ ଠିକାଦାର କୁଲି ପଠାଇ କଲଭେଟ ଉପରେ ମାଟି ପକାଇ ଫାଟ ଲୁଚାଇ ଦେଲେ ସତ ହେଲେ ତା ଉପରେ ଲୋକମାନେ କି ଗୋରୁଗାଈ ଯିବା ଆସିବା ବିପଦ ମଣୁଥିବାରୁ ତଳେ କାଦୁଅରେ ପଶି ଯିବା ଆସିବା କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ମଲ୍ଲିକ ଜେଇଙ୍କୁ ଯୋଗାଯୋଗ କରିବାରୁ ଫୋନ୍ ରିଙ୍ଗ୍ ହେଉଥିଲେ ମଧ୍ୟ ଉଠାଉ ନଥିବା ଏହା ତାଙ୍କର ନିତି ଦିନିଆ ଅଭ୍ୟାସ ହୋଇଥାଇ ପାରେ। ଏହି ଜେଇ ଠିକାଦାରଙ୍କ ସହ ମଧୁଚନ୍ଦ୍ରୀକାରେ ସରକାରୀ ଅର୍ଥରେ ଅଳ୍ପଦିନର ଅସ୍ଥାୟୀ ଯନ୍ତ୍ରୀ ରହି ସ୍ୱଳ୍ପ ଦରମାରେ କୋଟିପତି ପାଲଟିଥିବା ଏବଂ ତାଙ୍କର ବିଭିନ୍ନ ଆକାଉଣ୍ଟ ଆୟବର୍ହିଭୂତ ସମ୍ପତିଥିବା ଅଭିଯୋଗ ହେଉଛି। ଚନ୍ଦ୍ରପୁରୁ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯେତେ କାର୍ଯ୍ୟ ହେଉଛି ଏହି ମଲ୍ଲିକ ଜେଇ ମହାଶୟଙ୍କ ଦୟାରୁ ସୁଗୁଡିଏ ନିମ୍ନମାନର ହୋଇଥିବା ବେଳେ ଅର୍ଥ ଉଚ୍ଚମାନର ନେଇ ହାତ ଚିକ୍କଣ କରୁଛନ୍ତି। କିନ୍ତୁ ତାଙ୍କର କାର୍ଯ୍ୟକୁ କ୍ୱାଲିଟି କଣ୍ଟ୍ରୋଲ ବିଭାଗ ଓ ଭିଜିଲାନ୍ସ ତରଫରୁ ତଦନ୍ତ କରାଗଲେ ଯନ୍ତ୍ରୀଙ୍କର ବିଜେଡି ସମୟର ଅସଲ ଦୁର୍ନୀତି ବିଜେପିର ଲୋକଙ୍କ ସରକାରରେ ଲୋକଲୋଚନାକୁ ଆସିବ। ଦେଖା ଯାଉ ବିଭାଗୀୟ କି ପ୍ରକାରର ପଦକ୍ଷେପ ନେବେ ତାହା ସମୟକୁ ଅପେକ୍ଷା।

# ବୌଦ୍ଧଜିଲ୍ଲାରେ ଗୋରୁ ମାଫିଆ ସକ୍ରିୟ

ବୌଦ୍ଧ, (ଡିକେ ନ୍ୟୁଜ୍): ବୌଦ୍ଧଜିଲ୍ଲାରେ ଗୋରୁ ମାଫିଆ ସକ୍ରିୟ ହୋଇଥିବା ଜଣାପଡିଛି । ଜିଲ୍ଲା ଦେଇ ଯାଇଥିବା ଖୋର୍ଦ୍ଧା- ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ଗୋରୁ ଚାଲାଣ ହେଉଥିବାର ଅଭିଯୋଗ ହେଉଛି । ଖୋର୍ଦ୍ଧା- ବଲାଙ୍ଗିର ଜାତୀୟ ରାଜପଥ ଜିଲ୍ଲା କଣ୍ଟାମାଳ ବ୍ଲକର ମନମୁଣ୍ଡା ଠାରୁ ହରଭଙ୍ଗା ବ୍ଲକର ସୀମା ନୟାଗଡ ଜିଲ୍ଲା ସୀମା ପର୍ଯ୍ୟନ୍ତ ପ୍ରାୟ ୧୧୦ କିଲୋମିଟର ପର୍ଯ୍ୟନ୍ତ ଜାତୀୟ ରାଜପଥ ଯାଇଛି । ଏହି ରାଜପଥ ଏବେ ବେଧଡକରେ ଚାଲିଛି ଗୋରୁ ଚାଲାଣ । ଏହି ଜାତୀୟ ରାଜପଥ ଦେଇ ବିଭିନ୍ନ ଗାଡିରେ ଚାଲିଛି ଗୋରୁ ଚାଲାଣ । ବର୍ତ୍ତମାନ ଜିଲ୍ଲା ପୁଲିସ ପକ୍ଷରୁ ଗୋରୁ ଚାଲାଣ ରୋକିବା ପାଇଁ ଆରମ୍ଭ ହୋଇଛି ପଦକ୍ଷେପ । ହେଲେ ଚାଲାଣକାରୀ ବିଭିନ୍ନ ବାଟଦେଇ ଜିଲ୍ଲାଦେଇ ବାହାର ଜିଲ୍ଲାକୁ କରୁଛନ୍ତି ଚାଲାଣ । କେତେକ ସ୍ଥାନରେ ପୁଲିସ ଗୋରୁ ଚାଲାଣ ହେଉଥିବା ସୂଚନା ପାଇଁ ଚଢଉ କରି ଗୋରୁ ଉଦ୍ଧାର କରିଥିବା ଜଣାପଡିଛି । ଗତ ଶନିବାର ଦିନ ବୌଦ୍ଧ ବ୍ଲକ ମନମୁଣ୍ଡା ଥାନା ଅନ୍ତର୍ଗତ ଗୁନ୍ଦୁଲିଆ ପଂଚାୟତର ସାଲେଇପଡା ଗ୍ରାମ ନିକଟରେ ମାଫିଆ ମାନେ ଗୋରୁ ଚାଲାଣ ପାଇଁ ଗାଡିରେ ଚଢାଉ ଥିବା ସମୟରେ ସ୍ଥାନିୟ ଲୋକେ ଉଦ୍ଧରା କରି ପୁଲିସକୁ ଜିମା ଦେଇଥିଲେ । ସେହିପରି କଣ୍ଟାମାଳ ବ୍ଲକର ଘଣ୍ଟାପଡା ଥାନା ଅଂଚଳରୁ ଗୋରୁ ଚାଲାଣ ହେଉଥିବା ସମୟରେ ଘଣ୍ଟାପଡା ପୁଲିସ ଚଢଉ କରି ୨ଟି ଗାଡିରୁ ୧୬ଗୋଟି ଗୋରୁ ଉଦ୍ଧାର କରିଥିଲେ । ଗୋରୁ ଗୁଡିକ ନିକଟସ୍ଥ ଏକ ହାଟରୁ କିଣାଯାଇ ଚାଲାଣ କରାଯାଉଥିଲା । ଏଥିରୁ ଅନୁମାନ କରାଯାଉଛି ଯେ ଜିଲ୍ଲାରେ ଗୋରୁ ମାଫିଆ ସକ୍ରିୟ ଅଛନ୍ତି ବୋଲି । ଗୋରୁ ମାଫିଆମାନେ ଜିଲ୍ଲାର ବିଭିନ୍ନ ହାଟ ଓ ଗ୍ରାମ ଗୁଡିକରୁ ବିଭିନ୍ନ ଲୋକଙ୍କ ମାଧ୍ୟମରେ ଗୋରୁମାନଙ୍କୁ କିଣି ଜାତୀୟ ରାଜପଥରେ ନେଇ ଜିଲ୍ଲାର ସୀମା ବାହାରେ କଣ୍ଟେନର ଓ ଟ୍ରକ ମାଧ୍ୟମରେ ଗୋରୁ ମାନଙ୍କୁ ଭର୍ତ୍ତି କରି ଚାଲାଣ କରାଯାଉଥିବା ଜଣାପଡିଛି । ବିଶେଷ କରି ଗୋରୁମାନଙ୍କୁ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବାର ଚର୍ଚ୍ଚା ହେଉଛି । ଆଗରୁ ଯେପରି ଭାବରେ ଗୋରୁ ଚାଲାଣ ଖୁଲମ ଖୁଲା ଚାଲିଥିଲା ବର୍ତ୍ତମାନ ଟିକେ କମିଛି । ଆଗ ବିନାଦ୍ୱିଧାରେ ଜାତୀୟ ରାଜପଥରେ ଦିନ ଦ୍ୱିପହରରେ ଚାଲାଣ କରିଥିଲେ ସେହି ସମୟରେ ପୁଲିସ ସୂଚନା ଦିଆଯାଉଥିଲେ ମଧ୍ୟ ପୁଲିସ ନ ଜାଣିଲା ଭଳି ହେଉଥିଲା । ବଂର ମାଫିଆମାନଙ୍କୁ ପରୋକ୍ଷରେ ସହଯୋଗ କରିଥିଲା । ଯାହାଫଳରେ ଲୋକେ ପୁଲିସ ଉପରୁ ଭରସା ତୁଟାଇ ଦେଇଥିଲେ । ବର୍ତ୍ତମାନ ଗୋ ସମ୍ପଦର ସୁରକ୍ଷା ପାଇଁ ଲୋକେ ଓ ବିଭିନ୍ନ ସଂଗଠନ ଯେପରି ଭାବରେ ଆଗକୁ ବାହାରୁଛନ୍ତି ସେଥିପାଇଁ ଚାଲାଣ ଉପରେ କିଛିଟା ଅଙ୍କୁଶ ଲାଗିଛି । ଏପରିକି ଅତିତରେ ଗୋରୁ ଚାଲାଣକାରୀଙ୍କ ସହିତ ସେମାନଙ୍କର ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି । ଯାହାଫଳରେ ଏବେ ଧିରେ ଧିରେ ଗୋରୁ ଚାଲାଣ କମିଥିବା ବେଳେ ଏବେ ବାହାର ଜିଲ୍ଲାରୁ ଏହି ଜାତୀୟ ରାଜପଥରେ ଗୋରୁ ଚାଲାଣ ହେଉଥିବାର ଆଲୋଚନା ହେଉଛି । ଗୋ ସଂପଦର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ମିଲର୍ସଙ୍କ ମନମାନୀ, ଦେଉଳପଦର ପେକ୍ସରୁ ଧାନ ଉଠିପାରୁନାହିଁ; ୪ ହଜାର ବସ୍ତା ଧାନ ପଡିରହିଛି

ସୁବର୍ଣ୍ଣପୁର, (ହି.ସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ଦେଉଳପଦର ପେକ୍ସରେ ଧାନକିଣାରେ ଅବ୍ୟବସ୍ଥା ଦେଖାଦେଇଛି । ମିଲର୍ସଙ୍କ ମନମାନୀ କାରଣରୁ ପେକ୍ସରୁ ଧାନ ଉଠିପାରୁନାହିଁ ଓ ପ୍ରାୟ ୪ ହଜାର ବସ୍ତା ଧାନ ପଡିରହିଛି । ପେକ୍ସ ପକ୍ଷରୁ ଏହି ପେକ୍ସକୁ ଟେଗ କରାଯାଇଥିବା ଶୀତଲ ଏଗ୍ରୋ ଓ ଲଳିତା ରାଇସମିଲର ମାଲିକଙ୍କୁ ଯେତେ ଫୋନ କଲେ ମଧ୍ୟ ସେ ଧାନ ଉଠାଇବାକୁ ଟ୍ରକ ପଠାଉନଥିବା ଅଭିଯୋଗ ହୋଇଛି । ଏନେଇ ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ଖବର ନେବାରୁ ଜଣାପଡିଛି ଯେ, ଦେଉଳପଦର ପେକ୍ସରେ ଚଳିତ ରବିଋତୁରେ ୩୫୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ମିଳିଥିଲା । ସେଥିରୁ ଆଉ ୧୬୨ କ୍ୱିଣ୍ଟାଲ ବାକି ରହିଛି । କିନ୍ତୁ, ସେପଟେ ନିକଟସ୍ଥ ପୁଆ ପେକ୍ସରେ ଭିତିଭୂମୀ ନଥିବାରୁ ସେହି ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଧାନ ବିକ୍ରୀ କରିବାକୁ ନିର୍ଦ୍ଦେଶ ହୋଇଛି । ପୁଆ ପେକ୍ସକୁ ଚଳିତ ରବିରେ ୧୧,୦୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଆସିଛି । ପୁଆ ପେକ୍ସର ଚାଷିମାନେ ଦେଉଳପଦର ପେକ୍ସରେ ଆସି ଧାନ ଦେଇଛନ୍ତି । ଏବେ ପ୍ରାୟ ୪୦୦୦ ବସ୍ତା ଧାନ ପେକ୍ସରେ ପଡିରହିଥିବା ଜଣାପଡିଛି । ଗତ ତିନିଦିନ ହେଲା ମିଲର୍ସ ଗାଡି ପଠାଉନାହାଁନ୍ତି । ତେଣୁ ଧାନ ଉଠିପାରୁନାହିଁ କି ଅନ୍ୟ ଚାଷୀ ମାନଙ୍କର ଧାନ ବିକ୍ରୀ ହୋଇପାରୁନାହିଁ । ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଚାଷି ମହଲରେ ଅସନ୍ତୋଷ ଦେଖାଦେଇଛି । ମିଲର୍ସଙ୍କ ଏଭଳି ମନମାନୀକୁ ନେଇ ଦେଉଳପଦର ପେକ୍ସର ସଭାପତି ରାଜେନ୍ଦ୍ର ପଣ୍ଡା ସୋନପୁର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏନେଇ ଲଳୀତା ରାଇସମିଲର ମାଲିକ ମନୀଷ ଅଗ୍ରୱାଲଙ୍କୁ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ରିସିଭ କରିନଥିଲେ । ସୋନପୁର ଯୋଗାଣଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା ଓ ମିଲର୍ସଙ୍କ ସେକ୍ୟୁରିଟି ଡିପୋଜିଟରେ ସମସ୍ୟା ଥିବାରୁ ସେ ଧାନ ଉଠାଉନଥିବା କହିଛନ୍ତି । ତେବେ ଖୁବ ଶୀଘ୍ର ଧାନ ଉଠାଯିବ ବୋଲି ମୁଖ୍ୟ ଯୋଗାଣ ଅଧିକାରୀ କହିଛନ୍ତି । ସୋନପୁର ଜିଲ୍ଲାର କେବଳ ଦେଉଳପଦର ପେକ୍ସ ନୁହଁ ବିନିକା ମଣ୍ଡିରେ ମଧ୍ୟ ହଜାର ହଜାର କ୍ୱିଣ୍ଟାଲ ଧାନ ପଡିରହିଥିବା ଜଣାପଡିଛି । କେତେକ ମିଲର୍ସ ଛତିଶଗଡରୁ ଧାନ କମ ଦରରେ ଆଣି ମିଲରେ ଭର୍ତ୍ତି କରି ରଖିଥିବା କାରଣରୁ ନିଜ ଜିଲ୍ଲାର ଧାନ ଉଠାଇବାରେ ସମସ୍ୟା ଦେଖାଦେଇଛି ବୋଲି ମଧ୍ୟ ଅଭିଯୋଗ ହେଉଛି । ରାଜ୍ୟ ସରକାର ତୁରନ୍ତ ଏହି ସମସ୍ୟା ଉପରେ ଧାନ ଦେବାକୁ ଚାଷିମାନେ ଦାବି କରିଛନ୍ତି ।

# ସାପ କାମୁଡ଼ାରେ ମହିଳା ମୃତ

କୁତ୍ରା, (ଡିକେ ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ବିରତୋଲା ଗ୍ରାମର ହେମବତୀ ବାଙ୍କରା (୬୩)ଙ୍କର ବିଷାକ୍ତ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଖବର ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ ହେମବତୀ ଗତ ରାତିରେ ଶୋଇ ଥିଲେ । ହେଲେ ସକାଳେ ଆଉ ଉଠି ନ ଥିଲେ । ମା' କାହିଁକି ଏତେବେଳ ଯାଏ ଉଠୁ ନାହାନ୍ତି ବୋଲି କହି ତାଙ୍କ ପୁଅ ତାଙ୍କୁ ଉଠାଇବାକୁ ଯିବା ବେଳକୁ ଏକ ବିଷାକ୍ତ ସାପ ଶୋଇବା ଘର ଭିତରୁ ବାହାରି ଆସିଥିବା ଦେଖିଥିଲେ । ପରେ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ କୁତ୍ରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ପରୀକ୍ଷା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୁତ୍ରା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଛି । ରିପୋର୍ଟ ଆସିବ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ବୌଦ୍ଧଜିଲ୍ଲାରେ ଗଢିଲା ରେଳ: ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ କଲେ ଉଦଘାଟନ



ବୌଦ୍ଧ, (ଡିକେ ନ୍ୟୁଜ୍): ବୌଦ୍ଧଜିଲ୍ଲାରେ ଆଉଏକ ବିକାଶର ଫର୍ଦ୍ଦ ଯୋଡି ହୋଇଛି । ରେଳ ବିହୀନ ବୌଦ୍ଧଜିଲ୍ଲା ରେଳସେବାର ଶୁଭାରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ରେଳସେବାର ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି । ବୌଦ୍ଧ ଓ ପୁରୁଣାକଟକରୁ ଏକାକାଳିନ ଦୁଇଟି ସ୍ଥାନରୁ ଗଡିଛି ରେଳ । ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସି ଭୂବନେଶ୍ୱର ଠାରେ ୨୭୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାଶ ଓ ଉଦଘାଟନ କରିଛନ୍ତି । ସେଥିମଧ୍ୟରୁ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ସୋନପୁର ଠାରୁ ବୌଦ୍ଧଜିଲ୍ଲାର ପୁରୁଣାକଟକ ପର୍ଯ୍ୟନ୍ତ ୧୩୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୭୩ କିଲୋମିଟର ରେଳପଥର ଶୁଭଉଦଘାଟନ କରିଛନ୍ତି । ଏହି ଅବସରରେ ବୌଦ୍ଧ ରେଳ ଷ୍ଟେସନ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟସଚେତକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଜିଲ୍ଲା ଆରକ୍ଷୀଅଧିକ୍ଷକ ରାହୁଲ ଗୋଏଲ, ସମ୍ବଲପୁରର ଡିଆରଏମ ସୁବାସ ଚନ୍ଦ୍ର ଚୌଧୁରୀ ଯୋଗଦେଇଥିଲେ । ଟ୍ରେନ ମେନେଜର ଜି. ଗଣପତି ରାଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପାଇଁ ସେଣ୍ଟ୍ରାଲ ଆକ୍ସନ ପାଇଁ ବଲାଙ୍ଗିର ଜିଲ୍ଲାର ଗୋପାଳଜୀ ପାଣିଗ୍ରାହୀ, ଭବାନୀଶଙ୍କର ଶତପଥି, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରମେଶ ଅଗ୍ରୱାଲା, ସୁବର୍ଣ୍ଣପୁର ଜିଲ୍ଲାର ଗୋବିନ୍ଦ ମହାରଣା, ଶ୍ୟାମ ଓମ ପ୍ରକାଶ ମିଶ୍ର, ବଳଦେବ ବେଦବାଗ, ବୌଦ୍ଧଜିଲ୍ଲାରୁ ଯୁଗଳ କିଶୋର ସାମଲ, ବିଶ୍ୱେଶ୍ୱର ପୃଷ୍ଟି, ପ୍ରଦୋଶ ମିଶ୍ର, ଦେବାଶିଷ ପୁରୋହିତ, ଚିତରଂଜନ ଦାଶ, ରଘୁନାଥ ଷଡଙ୍ଗୀ, ସୌମିତ୍ରୀ ନାଏକ, ସୁଧିର କର୍ଣ୍ଣଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ରେଳସେବା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ଶିବାଜୀ ପଟ୍ଟନାୟକ, ରୁଦ୍ର ମାଧବ ରାୟ, ହରପ୍ରସାଦ ମିଶ୍ର, କହ୍ନେଇ ଚରଣ ଦାସଙ୍କୁ ସ୍ମରଣ କରି ସେମାନଙ୍କ ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଏହି ରେଳପଥ କାର୍ଯ୍ୟ ୧୯୯୫ ମସିହାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ରେଳ ପଥ ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ରାଜ୍ୟର ୬ଟି ଜିଲ୍ଲା ଖୋର୍ଦ୍ଧା, ପୁରୀ, ନୟାଗଡ, ବୌଦ୍ଧ, ସୁବର୍ଣ୍ଣପୁର ବଲାଙ୍ଗିର ଜିଲ୍ଲାର ଜନସାଧାରଣ ସିଧାସଳଖ ଉପକୃତ ହେବେ । ଏହି ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ପ୍ରକଳ୍ପ ୩୦୧ କିଲୋ ମିଟର ଦୂରତ୍ୱ ବିଶିଷ୍ଟ ପ୍ରକଳ୍ପ ହୋଇଥିବା ବେଳେ ଏହା ବୌଦ୍ଧଜିଲ୍ଲାରେ ସର୍ବାଧିକ ୧୧୦ କିଲୋମିଟର ଦୂରତ୍ୱ ରହିଅଛି । ଆଜି ସୋନପୁର ରୁ ପୁରୁଣାକଟକକୁ ପ୍ରାୟ ୭୩ କିଲୋ ମିଟର ଦୂରତା ପର୍ଯ୍ୟନ୍ତ ରେଳ ଗଢିଥିବା ବେଳେ ପୁରୁଣାକଟକରୁ ଦଶପଲ୍ଲା ପର୍ଯ୍ୟନ୍ତ ୭୫ କିଲୋମିଟର ରେଳ ଗଢିବାକୁ ବାକି ରହିଲା । ଖୋର୍ଦ୍ଧା-ବଲାଙ୍ଗିର ରେଳପଥରେ ବୌଦ୍ଧଜିଲ୍ଲାରେ ୭ଟି ଷ୍ଟେସନ ରହିଥିବା ବେଳେ ୫ଟି ଷ୍ଟେସନର କାର୍ଯ୍ୟ ଶେଷ ହୋଇ ଆଜି ରେଳ ଗଡିଛି ।

# ଚୋରା ବାଲି ଚାଲାଣର ହାଇୱା ଚାଳକ ଅଦାଲତ ଚାଲାଣ

କୋରେଇ, (ହି.ସ): ବୈତରଣୀ ନଦୀରୁ ପ୍ରତିଦିନ ହଜାର ହଜାର ଟ୍ରିପ ଚୋରା ବାଲି ହାଇୱା ମାଧ୍ୟମରେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ବେଳେ ରାଜ୍ୟ ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ତେବେ ଯାଜପୁର ଜିଲ୍ଲା ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଧିକାରୀ ଦିପ୍ତୀ ସୁନ୍ଦର ସେଠୀ ପାଣିକୋଇଲିରେ ଚଢାଉ କରି ଦୁଇ ଚୋରା ବାଲି ବୋଝେଇ ହାଇୱାକୁ ଜବତ କରିଥିଲେ । ଜବତ ବାଲି ଗାଡି ବେଆଇନ ଭାବେ ଚାଲାଣ ହେଉଥିବାରୁ ଖଣି ବିଭାଗ ଏନେଇ ମାମଲା କରିବାକୁ ଥାନାରେ ଦେଇଥିଲେ । ଏନେଇ ମାମାଲା ୧୭୨/୨୫ ରେ ଚାଳକ କେନ୍ଦ୍ରାପଡା ଜିଲ୍ଲା କେନ୍ଦ୍ରାପଡା ଥାନା ବନ୍ଧାଲୋ ଗ୍ରାମର କାର୍ତିକେଶ୍ୱର ସ୍ୱାଇଁ (୨୧) ଓ ଅନ୍ୟ ମାମଲା ୧୭୬/୨୫ରେ ଚାଳକ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ବଜରପଡା ଗ୍ରାମର ସୌମ୍ୟ କବି (୨୪)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

# କଂଗ୍ରେସର ଫେକ୍ଟ ଫାଇଣ୍ଡିଙ୍ଗ ଟିମ ପହଞ୍ଚି ଅନୁଧାନ



ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଗୋପାଳପୁର ଗଣ ଦୁଷ୍କର୍ମ ଘଟଣା । ଘଟଣା ସ୍ଥଳରେ କଂଗ୍ରେସର ଫେକ୍ଟ ଫାଇଣ୍ଡିଙ୍ଗ ଟିମ ପହଂଚି ଅନୁଧାନ କରିଲେ ସ୍ଥିତି । ବେଳାଭୂମିର ସୁରକ୍ଷା ନେଇ ଉଠାଇଲେ ପ୍ରଶ୍ନ । ଆଣଶ୍ୟକ ସ୍ଥଳେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଦେବୁ ରିପୋର୍ଟ, କହିଲେଟି ଗୋପାଳପୁର ଗଣଦୁଷ୍କର୍ମ ଘଟଣା । ଶନିବାର ମଧ୍ୟାହ୍ନରେ ଘଟଣା ସ୍ଥଳରେ କଂଗ୍ରେସର ଫେକ୍ଟ ଫାଇଣ୍ଡିଙ୍ଗ ଟିମ ପହଂଚି ସ୍ଥିତି ଅନୁଧାନ କରିଛନ୍ତି । ୫ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପହଁଚି ଗୋପାଳପୁରରେ ବେଳାଭୂମିରେ ସ୍ଥିତି ପରଖିଛନ୍ତି । ଦୀପା ଦାସ ମୁନସିଂଙ୍କ ନେତୃତ୍ୱରେ ସାଂସଦ ରଞ୍ଜିତ ରଂଜନ, ପରିଣୀତି ସିଂ ଦେ, ସାଂସଦ ଏସ, ଜୋସନାମଣି, ଶୋଭା ଓଝା ଗସ୍ତ କରିଥିଲେ । ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ସହ ଏହି ଟିମରେ ଓଡ଼ିଶା ପ୍ରଦେଶ କମିଟିର ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ବେଳାଭୂମିରେ ଘଟିଥିବା ଘଟଣାସ୍ଥଳରେ ସୁରକ୍ଷା ବ୍ୟବସ୍ଥା ସହ ଆଲୋକୀକରଣ ନାହିଁ । ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ସରକାରଙ୍କୁ ସମାଲୋଚନା କରିଛନ୍ତି । ଆବଶ୍ୟକସ୍ଥଳେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ରିପୋର୍ଟ ଦେବୁ ବୋଲି ଫେକ୍ଟ ଫାଇଣ୍ଡିଙ୍ଗ ଟିମ କହିଛନ୍ତି । କନ୍ଧମାଳ ଜିଲ୍ଲା ଗସ୍ତ କରି ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ତଥ୍ୟ ରଖିବୁ ବୋଲି କହିଛନ୍ତି ।

# ସନ୍ଦିଗ୍ଧ ବ୍ୟାଗରୁ ଗଞ୍ଜେଇ ଜବତ

ଧର୍ମଶାଳା, (ହି.ସ): ଯାଜପୁର ଜିଲା ଧର୍ମଶାଳା ଥାନା କୁମାରୀ ପଂଚାୟତ ଲକ୍ଷ୍ମୀ ମଣ୍ଡପଠାରେ ଜଣେ ସନ୍ଦିଗ୍ଧ ମହିଳା ଦୁଇଗୋଟି ଏୟାର ବ୍ୟାଗ ଜଣଙ୍କ ଘର ପଛପଟ ବାରଣ୍ଡାରେ ରଖି କେଉଁ ଆଡେ ଫେରାର ହୋଇଯାଇଛି । ଏହି ବ୍ୟାଗ ଗତକାଲି ଦିନ ଦୁଇଟାରୁ ରାତି ପର୍ଯ୍ୟନ୍ତ ଜଣକ ଘର ପଛ ବାରଣ୍ଡାରେ ରହିଥିବା ବେଳେ ସ୍ଥାନୀୟ ପୁଲିସ ବ୍ୟାଗ ନିକଟକୁ ଯିବା ପାଇଁ ଭୟ କରିଥିଲା । ଫଳରେ ପୁଲିସ କିଛି ଦୁରରେ ରହି ବ୍ୟାଗକୁ ଜଗିରହିଥିଲା । ବିଳମ୍ବିତ ରାତିରେ ଏକ୍ସପର୍ଟ ପୁଲିସ ଆସି ବ୍ୟାଗକୁ ଖୋଲିବା ପରେ ସେଥିରେ ଗଞ୍ଜେଇ ରହିଥିବା ଜଣାପଡିଥିଲା । ପରେ ପୁଲିସ ଗଞ୍ଜେଇ ଭର୍ତି ଉକ୍ତ ବ୍ୟାଗ ଦୁଇଟିକୁ ଜବତ କରି ଥାନାକୁ ନେଇ ଥିଲା । ଆଜି ଏହାକୁ ଓଜନ କରିବା ପରେ ଉଭୟ ବ୍ୟାଗରେ ୯ କିଲୋରୁ ଉର୍ଦ୍ଧ ଗଞ୍ଜେଇ ରହିଥିବା ଜଣାପଡିଥିଲା । ତେବେ କିଏ କେଉଁ ପରିସ୍ଥିତିରେ ଏଠାରେ ଗଞ୍ଜେଇ ଭର୍ତୀ ବ୍ୟାଗ ରଖି ଫେରାର ହୋଇଗଲା ତାହାକୁ ନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଅବଶିଷ୍ଟାଂଶ...

### ଯୋଗ ସମଗ୍ର ବିଶ୍ୱକୁ...

ପ୍ରଧାନମନ୍ତ୍ରୀ ଆଲୋକପାତ କରି କହିଥିଲେ ଯେ ସେମାନଙ୍କ ନେତୃତ୍ୱରେ ଆନ୍ଧ୍ର ପ୍ରଦେଶ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ 'ଯୋଗାନ୍ଧ୍ର ଅଭିଯାନ' ଆରମ୍ଭ କରିଥିଲା । ନାରା ଲୋକେଶଙ୍କ ପ୍ରୟାସକୁ ମଧ୍ୟ ବିଶେଷ ଭାବରେ ପ୍ରଶଂସା କରି ସେ କହିଥିଲେ, ଯୋଗ କିପରି ଏକ ପ୍ରକୃତ ସାମାଜିକ ଉତ୍ସବ ହୋଇପାରେ ଏବଂ ସମାଜର ପ୍ରତ୍ୟେକ ବର୍ଗକୁ ଏଥିରେ କିଭଳି ସାମିଲ କରାଯାଇପାରିବ ତାହା ଶ୍ରୀ ଲୋକେଶ ପ୍ରଦର୍ଶନ କରିଛନ୍ତି । ଗତ ଏକରୁ ଦେଢ଼ ମାସ ମଧ୍ୟରେ, ଲୋକେଶ ଯୋଗାନ୍ଧ୍ର ଅଭିଯାନ ମାଧ୍ୟମରେ ଅନନ୍ୟ ପ୍ରତିବଦ୍ଧତା ଦେଖାଇଛନ୍ତି ଏବଂ ତାଙ୍କ ପ୍ରୟାସ ପାଇଁ ସେ ପ୍ରଶଂସାର ପାତ୍ର ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଥିଲେ । ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ, ଯୋଗାନ୍ଧ୍ର ଅଭିଯାନରେ ଦୁଇ କୋଟିରୁ ଅଧିକ ଲୋକ ସାମିଲ ହୋଇଛନ୍ତି, ଯାହା ଦୃଢ଼ ଜନ ଭାଗୀଦାରୀ ଭାବନାକୁ ପ୍ରତିଫଳିତ କରୁଛି । ଏହି ଭାବନା ଏକ ବିକଶିତ ଭାରତ ପାଇଁ ମୂଳଦୁଆ ଗଠନ କରିଛି । ଯେତେବେଳେ ନାଗରିକମାନେ କୌଣସି ଏକ ଅଭିଯାନର ନେତୃତ୍ୱକୁ ସ୍ୱୀକୃତି ଦିଅନ୍ତି ଏବଂ ସକ୍ରିୟ ଭାବରେ ଅଂଶଗ୍ରହଣ କରନ୍ତି, ସେତେବେଳେ କୌଣସି ଲକ୍ଷ୍ୟରେ ପହଞ୍ଚିବା ଆଉ ଅସମ୍ଭବ ହୋଇ ରହେ ନାହିଁ । ବିଶାଖାପାଟଣାର ସମସ୍ତ କାର୍ଯ୍ୟକ୍ରମରେ ଲୋକଙ୍କ ସଦିଚ୍ଛା ଏବଂ ଉତ୍ସାହଜନକ ପ୍ରୟାସ ଦୃଶ୍ୟମାନ ହୋଇପାରିଛି ବୋଲି ଶ୍ରୀ ମୋଦି କହିଥିଲେ । ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସର ବାର୍ତ୍ତା, 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହା ଏକ ଗଭୀର ସତ୍ୟକୁ ପ୍ରତିଫଳିତ କରେ ଏବଂ ତାହା ହେଉଛି ପୃଥିବୀର ପ୍ରତ୍ୟେକ ପ୍ରାଣୀର ସ୍ୱାସ୍ଥ୍ୟ ପରସ୍ପର ସହିତ ଜଡିତ । ଆମର ଖାଦ୍ୟ ଉତ୍ପାଦନ କରୁଥିବା ମାଟି, ଆମକୁ ଜଳ ଯୋଗାଉଥିବା ନଦୀ, ଆମର ପରିସଂସ୍ଥାକୁ ପରିଚାଳିତ କରୁଥିବା ପ୍ରାଣୀ ଏବଂ ଆମକୁ ପୋଷଣ ଦେଉଥିବା ଉଦ୍ଭିଦଗୁଡ଼ିକର ସ୍ୱାସ୍ଥ୍ୟ ଉପରେ ମାନବ କଲ୍ୟାଣ ନିର୍ଭର କରେ । ଯୋଗ ଆମକୁ ଏହି ସମ୍ପର୍କ ଉପରେ ସଚେତନ କରାଏ । ବିଶ୍ୱ ସହିତ ଏକରୂପତା ଆଡକୁ ଯାତ୍ରା ଦିଗରେ ମାର୍ଗଦର୍ଶନ କରେ । ଯୋଗ ଆମକୁ ଶିଖାଏ ଯେ ଆମେ ପୃଥକ ବ୍ୟକ୍ତି ନୋହୁଁ ବରଂ ପ୍ରକୃତିର ଅଭିନ୍ନ ଅଂଶବିଶେଷ । ପ୍ରାରମ୍ଭରେ, ଆମେ ଆମର ନିଜସ୍ୱ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାର ଯତ୍ନ ନେବାକୁ ଶିଖୁ, କିନ୍ତୁ ଧୀରେ ଧୀରେ, ଏହି ଯତ୍ନ ଆମର ପରିବେଶ, ସମାଜ ଏବଂ ପୃଥିବୀ ଆଡ଼କୁ ବିସ୍ତାରିତ ହୁଏ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଯୋଗ ଏକ ଗଭୀର ବ୍ୟକ୍ତିଗତ ଶୃଙ୍ଖଳା ଯାହା, ସେହି ସମୟରେ, ଏକ ସାମୂହିକ ବ୍ୟବସ୍ଥା ଭାବରେ କାର୍ଯ୍ୟ କରେ - ଯାହା ବ୍ୟକ୍ତିକୁ ମୋ ଠାରୁ ଆମେ ପର୍ଯ୍ୟନ୍ତ ଯାତ୍ରା ଆଡ଼କୁ ନେଇ ଯାଏ ବୋଲି ଶ୍ରୀ ମୋଦି କହିଥିଲେ । ଶ୍ରୀ ମୋଦି କହିଥିଲେ,'ମୁଁରୁ ଆମେ'ର ଭାବନା ଭାରତର ଆତ୍ମାକୁ ପରିପୂର୍ଣ୍ଣ କରିଥାଏ । ଯେତେବେଳେ ଜଣେ ବ୍ୟକ୍ତି ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠି ସମାଜ ବିଷୟରେ ଚିନ୍ତା କରିବା ଆରମ୍ଭ କରେ, ସେତେବେଳେ ସମଗ୍ର ମାନବତାର କଲ୍ୟାଣ ସମ୍ଭବ ହୋଇପାରିଥାଏ । ସେ ଭାରତୀୟ ସଂସ୍କୃତି ସମ୍ପର୍କରେ ଉଲ୍ଲେଖ କରି କହିଥିଲେ, ଏହା ଆମକୁ ସର୍ବେ ଭବନ୍ତୁ ସୁଖିନଃର ମୂଲ୍ୟ ଶିକ୍ଷା ଦିଏ । ସମସ୍ତଙ୍କ କଲ୍ୟାଣ ହେଉଛି ମନୁଷ୍ୟର ପରମ କର୍ତ୍ତବ୍ୟ୍ୟ 'ମୁଁ' ରୁ 'ଆମେ' ପର୍ଯ୍ୟନ୍ତ ଏହି ଯାତ୍ରା ସେବା, ସମର୍ପଣ ଏବଂ ସହାବସ୍ଥାନର ମୂଳଦୁଆ ପ୍ରତିଷ୍ଠା କରେ । ଏହି ଚିନ୍ତାଧାରା ହିଁ ସାମାଜିକ ସଦ୍ଭାବନାକୁ ପ୍ରୋତ୍ସାହିତ କରେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ବିଶ୍ୱର ବିଭିନ୍ନ ସ୍ଥାନରେ ବଢୁଥିବା ଚାପ, ଅଶାନ୍ତି ଏବଂ ଅସ୍ଥିରତା ଉପରେ ଚିନ୍ତା ପ୍ରକଟ କରି ଶ୍ରୀ ମୋଦି କହିଥିଲେ, ଏପରି ସମୟରେ ଯୋଗ ଶାନ୍ତିର ମାର୍ଗ ପ୍ରଦାନ କରେ । ଯୋଗ ହେଉଛି ଏକ ବିରାମ ବଟନ୍ । ମାନବଜାତିକୁ ନିଃଶ୍ୱାସପ୍ରଶ୍ୱାସ ନେବା, ସନ୍ତୁଳନ ରକ୍ଷା କରିବା ଏବଂ ପୁଣି ଥରେ ସୁସ୍ଥ ହେବା ପାଇଁ ଏହା ସହାୟକ ହୋଇଥାଏ । ପ୍ରଧାନମନ୍ତ୍ରୀ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଶ୍ୱ ସମୁଦାୟକୁ ଏକ ବିଶେଷ ନିବେଦନ କରି କହିଥିଲେ, 'ଏହି ଯୋଗ ଦିବସକୁ ମାନବତା ପାଇଁ ଯୋଗ ୨.୦ର ଶୁଭାରମ୍ଭ ହେବାକୁ ଦିଅନ୍ତୁ, ଯେଉଁଠାରେ ଆଭ୍ୟନ୍ତରୀଣ ଶାନ୍ତି ବିଶ୍ୱ ନୀତିରେ ପରିଣତ ହେବ ।' ସେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଯୋଗ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହେବା ଉଚିତ ନୁହେଁ ବରଂ ବିଶ୍ୱ ସହଭାଗୀତାର ଏକ ମାଧ୍ୟମ ଭାବରେ ବିକଶିତ ହେବା ଉଚିତ । ପ୍ରତ୍ୟେକ ଦେଶ ଏବଂ ପ୍ରତ୍ୟେକ ସମାଜକୁ ଯୋଗକୁ ସେମାନଙ୍କର ଜୀବନଶୈଳୀ ଏବଂ ସାର୍ବଜନୀନ ନୀତିରେ ଅନ୍ତର୍ଭୁକ୍ତ କରିବାକୁ ସେ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ଏକ ଶାନ୍ତିପୂର୍ଣ୍ଣ, ସନ୍ତୁଳିତ ଏବଂ ସ୍ଥାୟୀ ବିଶ୍ୱକୁ ଆଗକୁ ବଢ଼ାଇବା ପାଇଁ ଏକ ସାମୂହିକ ପ୍ରୟାସର ପରିକଳ୍ପନା କରିଥିଲେ । ସେ କହିଥିଲେ, ଯୋଗ ବିଶ୍ୱକୁ ସଂଘର୍ଷରୁ ସହଯୋଗ ଏବଂ ଚାପରୁ ସମାଧାନ ଦିଗରେ ମାର୍ଗଦର୍ଶନ କରିବା ଉଚିତ । ଆଧୁନିକ ଗବେଷଣା ମାଧ୍ୟମରେ ଯୋଗ ବିଜ୍ଞାନକୁ ବିଶ୍ୱବ୍ୟାପୀ ପ୍ରସାରକୁ ସମର୍ଥନ କରିବା ପାଇଁ ଭାରତର ପ୍ରୟାସ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ସେ କହିଥିଲେ, ଦେଶର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକ ଯୋଗ ଗବେଷଣାରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି । ଏହାର ଲକ୍ଷ୍ୟ ହେଉଛି ସମସାମୟିକ ଚିକିତ୍ସା ପଦ୍ଧତି ମଧ୍ୟରେ ଏହାର ବୈଜ୍ଞାନିକ ପ୍ରାସଙ୍ଗିକତା ପ୍ରମାଣ କରିବା । ଭାରତ ଏହାର ଚିକିତ୍ସା ଏବଂ ଗବେଷଣା ପ୍ରତିଷ୍ଠାନ ମାଧ୍ୟମରେ ଯୋଗ କ୍ଷେତ୍ରରେ ପ୍ରମାଣ-ଭିତ୍ତିକ ଚିକିତ୍ସାକୁ ପ୍ରୋତ୍ସାହିତ କରୁଛି । ଏହି ଦିଗରେ ଅନୁକରଣୀୟ ଅବଦାନ ପାଇଁ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ (ଏମ୍ସ)କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ଏମ୍ସ ଗବେଷଣା ନିଷ୍କର୍ଷକୁ ଉଦ୍ଧୃତ କରି ସେ କହିଥିଲେ, ଯୋଗ ହୃଦସ୍ପନ୍ଦନ ଏବଂ ସ୍ନାୟୁଗତ ରୋଗର ଚିକିତ୍ସାରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଦେଖାଇଛି । ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ମାନସିକ ସୁସ୍ଥତାରେ ମଧ୍ୟ ଉନ୍ନତି ଆଣିପାରିଛି । ଶ୍ରୀ ମୋଦି କହିଥିଲେ, ଜାତୀୟ ଆୟୁଷ ମିଶନ ମାଧ୍ୟମରେ, ଯୋଗ ଏବଂ ସୁସ୍ଥତାର ବାର୍ତ୍ତା ସାରା ଦେଶରେ ସକ୍ରିୟ ଭାବରେ ପ୍ରସାରିତ ହେଉଛି । ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଏହି ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଯୋଗ ପୋର୍ଟାଲ୍ ଏବଂ ଯୋଗାନ୍ଧ୍ର ପୋର୍ଟାଲ୍ ମାଧ୍ୟମରେ ଦେଶବ୍ୟାପୀ ଦଶ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ପଞ୍ଜୀକୃତ ହୋଇଛି । ଏହା ସାରା ଦେଶରେ ଯୋଗର ପ୍ରଚାର-ପ୍ରସାରର ଉଲ୍ଲେଖନୀୟ ବିସ୍ତାରକୁ ସୂଚିତ କରେ । ଭାରତର ପ୍ରତ୍ୟେକ କୋଣରେ ହେଉଥିବା କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକତା ଯୋଗର ବର୍ଦ୍ଧିତ ପ୍ରଭାବକୁ ପ୍ରତିଫଳିତ କରୁଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ସୟଦ ଅବଦୁଲ ନାଜିର, ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ, କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ, ଯାଧବ ପ୍ରତାପରାଓ ଗଣପତରାଓ, ଡକ୍ଟର ଚନ୍ଦ୍ର ଶେଖର ପେମାସାନି, ଭୂପତି ରାଜୁ ଶ୍ରୀନିବାସ ବର୍ମା ଉପସ୍ଥିତ ଥିଲେ ।

### ସାମିଲ ହେଲେ ମୁଖ୍ୟମନ୍ତ୍ରୀଙ୍କ...

ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଅଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମୟ ଭାରତୀୟ ସଂସ୍କୃତି ଏବଂ ଯୋଗୀ ପରମ୍ପରାରୁ ସୃଷ୍ଟି ହୋଇଥିଲୀ ମଧ୍ୟ ସେଥିପାଇଁ ଏହା କୌଣସି ନିର୍ଦ୍ଦିଷ୍ଟ ଧର୍ମ ସହିତ ଏହା ଜଡିତ ନୁହେଁ । ଶରୀର, ଆତ୍ମା ଏବଂ ଚିନ୍ତନ ଶକ୍ତିକୁ ଉଦ୍‌ବୁଦ୍ଧ କରୁଥିବା ଯୋଗ, ଆଜି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ପାରିଛି । ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି 'ଯୋଗ', ଯାହା କେବଳ ଦେଶ ଭିତରେ ସୀମିତ ହୋଇ ରହିଥିଲା । କିନ୍ତୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୨୦୧୪ ମେ' ମାସରେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର ୬ ମାସରେ ଯୋଗକୁ ସାରା ବିଶ୍ୱରେ ପରିଚିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଫଳରେ ୨୦୧୪ ଡିସେମ୍ବର ୧୧ ତାରିଖରେ ଜାତିସଂଘ ପ୍ରତିବର୍ଷ ଜୁନ ୨୧ ତାରିଖକୁ 'ଆନ୍ତର୍ଜାତୀୟ ଯୋଗ ଦିବସ' ଭାବେ ପାଳନ କରିବା ପାଇଁ ପ୍ରସ୍ତାବ ପାରୀତ କରିଥିଲା । ଆଜି ପୃଥିବୀର ପ୍ରାୟ ସବୁ ଦେଶରେ ଲୋକେ ଆଗ୍ରହ ଏବଂ ଉତ୍ସାହର ସହିତ ଏହାକୁ ପାଳନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଚଳିତ ବର୍ଷ ପାଳନ ହେଉଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷକ ହେଉଛି, ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଯାହା, ବ୍ୟକ୍ତିଗତ କଲ୍ୟାଣ ଓ ପୃଥିବୀର ସ୍ୱାସ୍ଥ୍ୟ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଉଜାଗର କରେ । ଏଥିରେ ଦର୍ଶାଯାଇଛି ଯେ, କିପରି ପ୍ରାଚୀନ ଯୋଗ ଅଭ୍ୟାସ କେବଳ ଶରୀର ଓ ମନକୁ ପୋଷଣ କରେ ନାହିଁ ବରଂ ପ୍ରକୃତି ଏବଂ ସମସ୍ତ ଜୀବଜନ୍ତୁଙ୍କୁ ସମ୍ମାନ ଦେଉଥିବା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଶୈଳୀକୁ ପ୍ରୋତ୍ସାହିତ କରେ ବୋଲି ସେ କହିଛନ୍ତି । ସେ ପୁଣି କହିଥିଲେ ଯେ, ଓଡ଼ିଶାରେ ଆମେ ଯୋଗକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରୁଛୁ । ଆମର ସ୍କୁଲ, କଲେଜ, ଛାତ୍ରାବାସ ଏବଂ କ୍ରୀଡା କେନ୍ଦ୍ର ମାଧ୍ୟମରେ ଆମେ କର୍ମଶାଳା ଆୟୋଜନ କରୁଛୁ ଏବଂ ସଚେତନତା ସୃଷ୍ଟି କରୁଛୁ । ଆମେ ଯୋଗକୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନେଉଛୁ । ଆମର ଲକ୍ଷ୍ୟ ହେଉଛି ଏକ ସୁସ୍ଥ, ଆତ୍ମନିର୍ଭରଶୀଳ ଏବଂ ଦକ୍ଷ ତଥା ସଶକ୍ତ ଓଡ଼ିଶା ଗଠନ କରିବା । ଆଜି, ଓଡ଼ିଶାର ସମସ୍ତ ଜିଲ୍ଲାରେ ଯୋଗ ଅଧିବେଶନ ଅନୁଷ୍ଠିତ ହେଉଛି । ସହରାଞ୍ଚଳ ହେଉ କି ଗ୍ରାମାଞ୍ଚଳ, ହଜାର ହଜାର ଲୋକ ଯୋଗ ପାଳନ କରିବାକୁ ଏକାଠି ହେଉଛନ୍ତି । ଏହି ଗଣ ଅଂଶଗ୍ରହଣ ଆମ ଲୋକଙ୍କ ମଧ୍ୟରେ ବଢୁଥିବା ସଚେତନତା ଏବଂ ସୁସ୍ଥ ଜୀବନଯାପନ ପ୍ରତି ସେମାନଙ୍କର ଆଶା ଓ ବିଶ୍ୱାସକୁ ଦର୍ଶାଉଛି । ସୂଚନା ଥାଉକି, କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଯୋଗ ଶିବିରରେ ପ୍ରାୟ ୧୫ ହଜାର ଜନସାଧାରଣଙ୍କ ସମେତ ରାଜ୍ୟର ମନ୍ତ୍ରୀଗଣ, ସାଂସଦଗଣ, ବିଧାୟକଗଣ ଓ ବରିଷ୍ଠ ଅଧିକାରୀ ମନେ ଯୋଗ ଦେବା ସହିତ ଯୋଗାଭ୍ୟାସ କରିଥିଲେ । ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ପାରମ୍ପରିକ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।

### ମହାପ୍ରଭୁଙ୍କୁ ଲାଗି...

ଥିବା ମହାପ୍ରଭୁଙ୍କୁ ତୁଳସୀ ଲାଗି କରାଯିବ । ମହାପ୍ରଭୁଙ୍କୁ ଚନ୍ଦନ ଲାଗି ସହିତ ନୂଆ ଖଣ୍ଡୁଆ ମଧ୍ୟ ଲାଗି କରାଯିବ । ଅନ୍ୟପକ୍ଷରେ ଜ୍ୱରରେ ପୀଡିତ ଜଗନ୍ନାଥଙ୍କ ପାଇଁ ମାମୁଁ ଘର ନିଆଳିରୁ ଶ୍ରୀମନ୍ଦିରକୁ ଆସିଛି ଅଣସର ଭାର । ମହାବାହୁ ସୁସ୍ଥ ହେବା ପାଇଁ ଔଷଧ ସହିତ ପଥି ସେବନ କରିଥାନ୍ତି । ସେହି ପଥି ପାଇଁ ଶ୍ରୀଜିଉଙ୍କ ମାମୁଁ ଘର କଟକ ଜିଲ୍ଲା ନିଆଳି ବ୍ଲକର ମାଧବାନନ୍ଦଜିଉଙ୍କ ପୀଠରୁ ଅଣସରର ଭାର ଆସିଥିଲା । ଏକାଦଶୀରେ ଫଳ ଭୋଗ ହୋଇଥାଏ । ଏଥି ପାଇଁ ମାଧବାନନ୍ଦଜିଉଙ୍କ ମନ୍ଦିର ଟ୍ରଷ୍ଟ ଓ ଅଞ୍ଚଳର ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଫଳମୂଳ ସଂଗ୍ରହ କରାଯାଇ ଶ୍ରୀଜିଉଙ୍କ ଉଦ୍ଦେଶ୍ୟରେ ପଠାଯାଇଛି ।

### ସୁବର୍ଣ୍ଣରେଖାରେ ପ୍ରଥମ...

ଦ୍ୱାର କଥା ଭୁଲି ବନ୍ଧ ଉପରେ ଶାନ୍ତିରେ ଶୋଇବେ ସେଇ ଚିନ୍ତାରେ ଏବେ ଭୋଗରାଇର ହଜାର ହଜାର ପରିବାର । ସେପଟେ ବ୍ଲକରେ ୧୧୦ହେକ୍ଟର ପରିବା ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଉଦ୍ୟାନ ବିଭାଗ ପକ୍ଷରୁ ସୂଚନା । ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ଏବଂ ସବୁ ବିଭାଗ ତତ୍ପର ମଧ୍ୟ ରହିଛନ୍ତି । ଜରୁରୀକାଳୀନ ପରିସ୍ଥିତି ହେଲେ ରେସ୍କ୍ୟୁ କରାଯିବ ବୋଲି ବନ୍ୟା ଅଞ୍ଚଳରେ ଦାୟିତ୍ୱରେ ଥିବା ଏକଜିକ୍ୟୁଟିଭ ଇଞ୍ଜିନିୟର ପପୁ ଭୂୟାଁ କହିଛନ୍ତି ।

### ଆକାଶରେ ଫାଟିଲା...

ରଏଟର୍ସ ଏହାର ରିପୋର୍ଟରେ କହିଛି ଯେ ଶନିବାର ସକାଳେ ହଟ ଏୟାର ବେଲୁନରେ ନିଆଁ ଲାଗିଯାଇଥିଲା । ମଝି ଆକାଶରେ ବେଲୁନରେ ନିଆଁ ଲାଗିବା ପରେ, ଏହା ବ୍ରାଜିଲର ପ୍ରିଆ ଗ୍ରାଣ୍ଡେ ସହରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଆସୋସିଏଟେଡ ପ୍ରେସ ସାଣ୍ଟା କାଟାରିନା ସାମରିକ ଅଗ୍ନିଶମ ବାହିନୀକୁ ଉଦ୍ଧୃତ କରି କହିଛି ଯେ ଯାତ୍ରା ଦୁର୍ଘଟଣାଗ୍ରସ୍ତ ହେବା ପରେ, ସମସ୍ତ ଆହତଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିଲା ।






### ଇତିହାସ ରଚିଲେ ସୁନାପୁଅ ନୀରଜ ଚୋପ୍ରା

## ଜୁଲିୟନ ୱେବରଙ୍କୁ ହରାଇ ଜିତିଲେ ପ୍ୟାରିସ୍ ଡାଇମଣ୍ଡ ଲିଗ୍



ନୂଆଦିଲ୍ଲୀ, ୨୧।୬ (ହି.ସ): ବିଦେଶ ମାଟିରେ ଉଡିଲା ତ୍ରିରଙ୍ଗା। ଇତିହାସ ରଚିଲେ ଦେଶର ଷ୍ଟାର ଜାଭଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା। ବଡ଼ ପ୍ରତିଦ୍ୱନ୍ଦୀ ଜୁଲିୟନ ୱେବରଙ୍କୁ ହରାଇ ପ୍ରଥମ ପ୍ୟାରିସ୍ ଡାଇମଣ୍ଡ ଲିଗ୍ ଜିତିଛନ୍ତି ନୀରଜ। ଚଳିତ ପ୍ୟାରିସ୍ ଡାଇମଣ୍ଡ ଲିଗରେ ଦମଦାର ପ୍ରଦର୍ଶନ କରିଛନ୍ତି ନୀରଜ ଚୋପ୍ରା। ୮୮.୧୬ ମିଟର ଜାଭଲିନ୍ ଫିଙ୍ଗିବା ସହିତ ଜର୍ମାନୀର ଜୁଲିୟନ ୱେବରଙ୍କୁ ପଛରେ ପକାଇଛନ୍ତି। ଜୁଲିୟନଙ୍କଠୁ ପୂର୍ବରୁ ଦୁଇ ମୁକାବିଲା ହାରିଥିଲେ ପ୍ୟାରିସ୍ ଡାଇମଣ୍ଡରେ ତାଙ୍କୁ ପରାସ୍ତ କରି ପ୍ରତିଶୋଧ ନେଇଛନ୍ତି ନୀରଜ। ଭାରତର ଷ୍ଟାର ଜାଭଲିନ୍ ଥ୍ରୋୟର ନୀରଜ ଚୋପ୍ରା ପ୍ୟାରିସ୍ ଡାଇମଣ୍ଡ ଲିଗ୍ ୨୦୨୫ ପୁରୁଷ ଜାଭଲିନ୍ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶୁକ୍ରବାର ପ୍ୟାରିସରେ ଅନୁଷ୍ଠିତ ଇଭେଣ୍ଟରେ ନୀରଜ ତାଙ୍କ ନିକଟତର ପ୍ରତିଦ୍ୱନ୍ଦୀ ଜର୍ମାନୀର ଜୁଲିୟନ ୱେବରଙ୍କୁ ପରାସ୍ତ କରିଛନ୍ତି। ନୀରଜ ଗତ ଦୁଇ ଟୁର୍ଣ୍ଣାମେଣ୍ଟରେ ୱେବରଙ୍କଠୁ ପରାସ୍ତ ହୋଇଥିଲେ। ଏବେ ଜୁଲିୟନଙ୍କୁ ହରାଇ ପୂର୍ବ ପ୍ରତିଶୋଧ ନେଇଛନ୍ତି। ପ୍ୟାରିସ୍ ଡାଇମଣ୍ଡ ଲିଗରେ ପ୍ରଥମ ପ୍ରୟାସରେ ୮୮.୧୬ ମିଟର ଥ୍ରୋ କରିଥିଲେ। ଏହି ଥ୍ରୋ ବଳରେ ସେ ଶେଷ ଯାଏ ଆଗୁଆ ରହିଥିଲେ। ଦ୍ୱିତୀୟ ପ୍ରୟାସରେ ୮୫.୧୦ ମିଟର ଥ୍ରୋ କରିଥିଲେ। ତୃତୀୟ, ଚତୁର୍ଥ ଓ ପଞ୍ଚମ ଥ୍ରୋ ଫାଉଲ୍ ହୋଇଥିଲା। ଷଷ୍ଠ ଥ୍ରୋ ୮୨.୮୯ ମିଟର ରହିଥିଲା। ଜର୍ମାନୀର ଜୁଲିୟନ ୱେବର ପ୍ରଥମ ପ୍ରୟାସରେ ୮୭.୮୮ ମିଟର ଜାଭଲିନ୍ ଥ୍ରୋ କରିଥିଲେ। ସେହିପରି ତାଙ୍କର ଦ୍ୱିତୀୟ ଥ୍ରୋ ୮୬.୨୦ ମିଟର ଥିଲା। ତୃତୀୟ ଥ୍ରୋ ୮୨.୦୩ ମିଟର, ଚତୁର୍ଥ ୮୩.୧୩ ମିଟର, ପଞ୍ଚମ ୮୪.୫୪ ମିଟର ଓ ଷଷ୍ଠରେ ୮୧.୦୮ ମିଟର ଥ୍ରୋ କରିଥିଲେ। ବ୍ରାଜିଲର ଲୁଇସ୍ ଡା ସିଲଭା ୮୬.୬୨ ମିଟର ଜାଭଲିନ୍ ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି। ମେ ୧୬ରେ ଦୋହା ଡାଇମଣ୍ଡ ଲିଗ୍ ୨୦୨୫ରେ ଜୁଲିୟନ ୱେବର ନୀରଜଙ୍କୁ ହରାଇଥିଲେ। ତାଙ୍କ ଥ୍ରୋ ୯୧.୦୬ ମିଟର ଥିଲା। ନୀରଜଙ୍କ ଥ୍ରୋ ୯୦.୨୩ ମିଟର ଥିଲା। ସେ ଦ୍ୱିତୀୟ ସ୍ଥାନରେ ରହିଥିଲା। ମେ ୨୩ରେ ପୋଲାଣ୍ଡରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଜୁଲିୟନଙ୍କଠୁ ହାରିଥିଲେ ନୀରଜ। ଏଥିରେ ଜୁଲିୟନଙ୍କ ଥ୍ରୋ ୮୬.୧୨ ମିଟର ଥିଲା। ନୀରଜଙ୍କ ଥ୍ରୋ ୮୪.୧୪ ମିଟର ଥିଲା।

## ମାଷ୍ଟର୍ସ କପ୍ ହକି କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୨୧।୬ (ହି.ସ): ତାମିଲନାଡୁରେ ଚାଲିଥିବା ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍ର କ୍ୱାର୍ଟରଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ନିଜର ପ୍ରଥମ ଗ୍ରୁପ୍ ମ୍ୟାଚରେ ପୁଡୁଚେରୀକୁ ହରାଇଥିବା ଓଡ଼ିଶା ଶୁକ୍ରବାର ପଞ୍ଜାବକୁ ୫-୨ରେ ହରାଇ ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନ ଦଖଲ କରି କ୍ୱାର୍ଟରଫାଇନାଲ୍ ସ୍ଥାନ ପକ୍କା କରିଛି। ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍ଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଧରମପାଲ ସିଂହ (୧୭ ମିନିଟ୍)ଙ୍କ ଗୋଲରେ ପଞ୍ଜାବ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହା ପର ମିନିଟରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଅଧିନାୟକ ଲାଜରୁସ ବାର୍ଲା (୧୮ ମିନିଟ୍) ଗୋଲରେ ପରିଣତ କରି ୧-୧ ସ୍ତରକୁ ଆଣିଥିଲେ। ୨୨ତମ ମିନିଟରେ ରାମ ଶରଣଙ୍କ ଗୋଲରେ ପଞ୍ଜାବ ପୁଣି ଆଗୁଆ ହୋଇଥିଲା। ଏହାପରେ ଓଡ଼ିଶା ଖେଳାଳି ପଞ୍ଜାବକୁ କୌଣସି ସୁଯୋଗ ନ ଦେଇ ୪ ଗୋଲ୍ ଲଦି ବିଜୟ ବାନା ଉଡ଼ାଇଥିଲେ। ଓଡ଼ିଶା ପକ୍ଷରୁ ଅନୀଲ କୁଲୁ (୩୩, ୩୭ ମିନିଟ୍) ଦୁଇଟି, ସୁନିଲ ଲାକ୍ରା (୩୦ ମିନିଟ୍) ଓ ରଜତ କୁମାର ମିଞ୍ଜ (୪୫ ମିନିଟ୍) ଏହି ୪ ଗୋଲ୍ ଦେଇଥିଲେ।

### ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ବ୍ୟାଟସମ୍ୟାନମାନଙ୍କ ଦବଦବା

## ଯଶସ୍ୱୀ ଏବଂ ଗିଲଙ୍କ ଶତକ, ୩୫୦ ଅତିକ୍ରମ କଲା ସ୍କୋର



ନୂଆଦିଲ୍ଲୀ, ୨୧।୬ (ହି.ସ): ଲିଡ୍ସର ହେଡିଂଲେ ଖେଳାଯାଉଥିବା ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ଭାରତୀୟ ଦଳ ଦୃଢ଼ ପ୍ରଦର୍ଶନ କରି ୩୫୯/୩ ସ୍କୋର କରିଛି। ନୂଆ ଅଧିନାୟକ ଶୁଭମାନ ଗିଲ ୧୨୭ ଅପରାଜିତ ଓ ଯଶସ୍ୱୀ ଜୈୟସୱାଲ ୧୦୧ ରନର ଶତକ ଏବଂ ଋଷଭ ପନ୍ତଙ୍କ ଅପରାଜିତ ୬୫ ଅପରାଜିତ ରନ ଭାରତକୁ ମଜବୁତ ସ୍ଥିତିରେ ପହଞ୍ଚାଇଛି। ଇଂଲଣ୍ଡ ଅଧିନାୟକ ବେନ ଷ୍ଟୋକ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ଚୟନ କରିଥିଲେ। ମ୍ୟାଚ୍ ହେଉଥିବା ପିଚ ସାମାନ୍ୟ ଓଦା ଥିବା ସତ୍ତ୍ୱେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଦମଦାର ପ୍ରଦର୍ଶନ ଦେଖାଇଛନ୍ତି। ଯଶସ୍ୱୀ ଜୈୟସୱାଲ ୧୦୧ ରନ କରି ଚମତ୍କାର ଆରମ୍ଭ ଦେଇଥିବା ବେଳେ ଷ୍ଟୋକ୍ସ ତାଙ୍କୁ ଆଉଟ କରିଥିଲେ। ଗିଲ ୧୨୭ ରନର ଅପରାଜିତ ଶତକ ସହ ନେତୃତ୍ୱପୂର୍ଣ୍ଣ ବ୍ୟାଟିଂ କରିଛନ୍ତି। ପନ୍ତ ୬୫ ରନର ଅପରାଜିତ ରହି ଆକ୍ରମଣାତ୍ମକ ଅନ୍ଦାଜରେ ଇଂଲଣ୍ଡ ବୋଲରମାନଙ୍କୁ ଚାପରେ ରଖିଛନ୍ତି, ଖାସକରି ତାଙ୍କର ସ୍ଲଗ ଶଟ ଦର୍ଶକଙ୍କୁ ବିମୋହିତ କରିଛି। ଇଂଲଣ୍ଡର ବୋଲରମାନେ, ଯେପରି କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସ, ପ୍ରାରମ୍ଭିକ ପର୍ଯ୍ୟାୟରେ ଚାପ ସୃଷ୍ଟି କରିଥିଲେ। କିନ୍ତୁ ଦିନର ଶେଷ ଆଡ଼କୁ ଭାରତୀୟ ବ୍ୟାଟ୍ସମ୍ୟାନମାନେ ମ୍ୟାଚ ଉପରେ ନିୟନ୍ତ୍ରଣ ହାସଲ କରିଛନ୍ତି। ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅବସର ପରେ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳ ନୂଆ ଉଦ୍ୟମ ଦେଖାଇଛି। ଡେବ୍ୟୁଟାଣ୍ଟ ବି. ସାଇ ସୁଦର୍ଶନ ଖାତା ଖୋଲି ପାରିନଥିବା ବେଳେ କେଏଲ ରାହୁଲ ୪୨ ରନର ଗୁରୁତ୍ୱପୂର୍ଣ୍ଣ ପାରି ଖେଳିଥିଲେ। ପ୍ରାରମ୍ଭରେ ପିଚ ଫାଷ୍ଟ ବୋଲରମାନଙ୍କ ପାଇଁ ସହାୟକ ହୋଇଥିଲେ ମଧ୍ୟ ଦିନ ଗଡ଼ିବା ସହ ବ୍ୟାଟିଂ ପାଇଁ ସହଜ ହୋଇଛି। ଇଂଲଣ୍ଡର 'ବାଜବଲ' ଶୈଳୀ ସତ୍ତ୍ୱେ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ରୋକିବାରେ ସଫଳ ହୋଇନାହାନ୍ତି। ଦ୍ୱିତୀୟ ଦିନରେ ଇଂଲଣ୍ଡକୁ ଶୀଘ୍ର ଉଇକେଟର ଆବଶ୍ୟକତା ରହିଛି। ନଚେତ ଭାରତ ୫୦୦+ ରନର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବ। ଗିଲ ଓ ପନ୍ତଙ୍କ ପ୍ରଦର୍ଶନ ଦ୍ୱିତୀୟ ଦିନରେ ଗୁରୁତ୍ୱପୂର୍ଣ୍ଣ ରହିବ। ଅନ୍ୟପଟେ ଜସପ୍ରୀତ ବୁମରା ଓ ମହମ୍ମଦ ସିରାଜ ଇଂଲଣ୍ଡର ବ୍ୟାଟିଂ ଲାଇନଅପକୁ ଚାପରେ ରଖିବାକୁ ପ୍ରସ୍ତୁତ ରହିଛନ୍ତି। ଏହି ମ୍ୟାଚ ଭାରତୀୟ ଟେଷ୍ଟ କ୍ରିକେଟରେ ଯୁବ ଖେଳାଳୀଙ୍କ ନୂଆ ଅଧ୍ୟାୟର ଆରମ୍ଭ କରିଛି। ସେହିପରି ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ହେଡିଙ୍ଗଲି ଟେଷ୍ଟରେ ଚମତ୍କାର ଶତକ ହାସଲ କରିଥିବା ଅଧିନାୟକ ଶୁଭମନ ଗିଲ ପୁଣି ଥରେ ଏକ ବିଶେଷ କାରଣ ପାଇଁ ଶିରୋନାମାରେ ଅଛନ୍ତି। ଏଥର କାରଣ ତାଙ୍କର ବ୍ୟାଟିଂ ପ୍ରଦର୍ଶନ ନୁହେଁ ବରଂ ତାଙ୍କର କଳା ମୋଜା। ପ୍ରକୃତରେ ଗିଲ୍ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ର ପ୍ରଥମ ଦିନରେ କଳା ମୋଜା ପିନ୍ଧି ପଡ଼ିଆରେ ବ୍ୟାଟିଂ କରିବାକୁ ଆସିଥିଲେ, ଯାହା ଆଇସିସିର ଡ୍ରେସ୍ କୋଡ୍ ନିୟମ ବିରୁଦ୍ଧ ଅଟେ। ଟେଷ୍ଟ କ୍ରିକେଟରେ ଡ୍ରେସ୍ ସମ୍ପର୍କରେ ଆଇସିସିର କଠୋର ନିର୍ଦ୍ଦେଶାବଳୀ ଅଛି। ଆଇସିସି ନିୟମ ଅନୁଯାୟୀ, ଖେଳାଳିମାନଙ୍କୁ ମ୍ୟାଚ୍ ସମୟରେ କେବଳ ଧଳା, କ୍ରିମ୍ କିମ୍ବା ହାଲୁକା ଧୂସର ମୋଜା ପିନ୍ଧିବାକୁ ପଡିବ। ଏମ୍ସିସି ନିୟମ ୧୯.୪୫ ଅନୁଯାୟୀ, ସ୍ୱଷ୍ଟ ଭାବରେ କୁହାଯାଇଛି ଯେ, ଏହି ସମସ୍ତ ରଙ୍ଗ ବ୍ୟତୀତ, ଗାଢ଼ ରଙ୍ଗର ମୋଜା ପିନ୍ଧିବାକୁ ଅନୁମତି ନାହିଁ। ଏହି ନିୟମ ୨୦୨୩ରେ ଲାଗୁ ହୋଇଥିଲା ଏବଂ ସେବେଠାରୁ ପ୍ରାୟ ସମସ୍ତ ଖେଳାଳି ଏହାକୁ ପାଳନ କରୁଛନ୍ତି। ତଥାପି, ହେଡିଙ୍ଗଲି ଟେଷ୍ଟର ପ୍ରଥମ ଦିନରେ ଶୁଭମନ ଗିଲ୍ କ୍ୟାମେରା ଆଖିରୁ ଖସି ପାରିଲେ ନାହିଁ। ତାଙ୍କୁ କଳା ମୋଜା ପିନ୍ଧି ବ୍ୟାଟିଂ କରୁଥିବାର ଦେଖାଯାଇଥିଲା, ଯାହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଥିଲା ଏବଂ ପ୍ରଶ୍ନ ଉଠିଥିଲା ଯେ, ଏହା କ'ଣ ନିୟମ ଉଲ୍ଲଂଘନ? ଏଥିପାଇଁ କୌଣସି ଦଣ୍ଡ ହେବ କି? ତେବେ ଏହି ମାମଲାରେ ଯାହା ନିଷ୍ପତ୍ତି ନିଆଯିବ ତାହା ମ୍ୟାଚ୍ ରେଫରି ରିଚି ରିଚାର୍ଡସନ୍ ନେବେ। ଆଇସିସି ନିର୍ଦ୍ଦେଶାବଳୀ ଅନୁଯାୟୀ, ଯେକୌଣସି ଖେଳାଳିଙ୍କ ଦ୍ୱାରା ଡ୍ରେସ୍ କୋଡ୍ର ଏପରି ଉଲ୍ଲଂଘନକୁ ସ୍ତର-୧ ଅପରାଧ ଭାବରେ ବିବେଚନା କରାଯାଏ। ଏଥିରେ, ଖେଳାଳିଙ୍କୁ ମ୍ୟାଚ୍ ଫିର ୧୦% ରୁ ୫୦% ପର୍ଯ୍ୟନ୍ତ ଜରିମାନା ଲାଗିପାରିବ ଏବଂ ସେହି ଖେଳାଳିଙ୍କୁ ଡିମେରିଟ୍ ପଏଣ୍ଟ ମଧ୍ୟ ଦିଆଯାଇପାରିବ। ତଥାପି, ଯଦି ମ୍ୟାଚ୍ ରେଫରି ଅନୁଭବ କରନ୍ତି ଯେ, ଗିଲ୍ ଜାଣିଶୁଣି ଏହି ଭୁଲ କରିନାହାଁନ୍ତି, ତେବେ ତାଙ୍କୁ କେବଳ ଏକ ଚେତାବନୀ ଦେଇ ମଧ୍ୟ ମୁକ୍ତ କରାଯାଇପାରିବ। ସାଧାରଣତଃ, କ୍ରିକେଟରେ ପୋଷାକ ଉଲ୍ଲଂଘନ ପାଇଁ କଠୋର ଦଣ୍ଡ ବହୁତ କମ୍ ଦେଖାଯାଏ, କିନ୍ତୁ ଏହି ଉଲ୍ଲଂଘନ ଟେଷ୍ଟ ଦଳର ଅଧିନାୟକ ନିଜେ କରିଛନ୍ତି, ତେଣୁ ସମସ୍ତଙ୍କ ନଜର ନିଷ୍ପତ୍ତି ଉପରେ ରହିଛି।

### ଧୋନିଙ୍କ ରେକର୍ଡ ଭାଙ୍ଗିଲେ ପନ୍ତ

ନୂଆଦିଲ୍ଲୀ, ୨୧।୬ (ହି.ସ): ଭାରତୀୟ ୱିକେଟକିପର ବ୍ୟାଟସମ୍ୟାନ ଋଷଭ ପନ୍ତ ଟେଷ୍ଟ କ୍ରିକେଟରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚରେ ପନ୍ତ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏହି ସମୟ ମଧ୍ୟରେ ସେ ଏମଏସ ଧୋନିଙ୍କ ରେକର୍ଡ ଭାଙ୍ଗିଛନ୍ତି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ପନ୍ତ ୬୫ ରନ କରିଛନ୍ତି। ଏହି ଇନିଂସ ମଧ୍ୟରେ ପନ୍ତ ଟେଷ୍ଟ କ୍ରିକେଟରେ ୩୦୦୦ ରନ ପୂରଣ କରିଛନ୍ତି। ଏହି ଇନିଂସରେ ପନ୍ତ ୬ ଚୌକା ଏବଂ ଦୁଇଟି ଛକା ମାରିଛନ୍ତି। ଏହି ଇନିଂସ ମଧ୍ୟରେ ପନ୍ତ ଏବେ ଭାରତୀୟ ୱିକେଟକିପର ଭାବରେ ଏସ୍ଇଏନ୍ଏ ଦେଶରେ ସର୍ବାଧିକ ଟେଷ୍ଟ ରନ କରିବା ମାମଲାରେ ଧୋନିଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରକାଶ ଯେ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ଏସ୍ଇଏନ୍ଏ ଦେଶରେ ଗଣନା କରାଯାଏ। ପନ୍ତଙ୍କ ପୂର୍ବରୁ ଏହି ରେକର୍ଡ ଧୋନିଙ୍କ ନାମରେ ଥିଲା। ଧୋନି ଏସ୍ଇଏନ୍ଏ ଦେଶରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ୧୭୩୧ ରନ କରିଥିଲେ। ବର୍ତ୍ତମାନ ଏହି ରେକର୍ଡ ପନ୍ତଙ୍କ ନାମରେ ଅଛି। ପନ୍ତ ଏପର୍ଯ୍ୟନ୍ତ ଏହି ଦେଶଗୁଡ଼ିକ ବିରୁଦ୍ଧରେ ୧୭୪୬ ରନ କରିଛନ୍ତି। ପନ୍ତଙ୍କ ୬୫ ରନର ଇନିଂସ ବିଷୟରେ କହିବାକୁ ଗଲେ, ସେ ଆସିବା ମାତ୍ରେ ତାଙ୍କର ଆକ୍ରମଣାତ୍ମକ ଶୈଳୀରେ ଇନିଂସ ଆରମ୍ଭ କରିଥିଲେ। ଯେତେବେଳେ ବି ତାଙ୍କୁ ଖରାପ ବଲ ମିଳୁଥିଲା, ସେ ସେହି ବଲ୍ରେ ସଟ୍ ମାରିବାକୁ ହାତଛଡ଼ା କରୁନଥିଲେ। ପନ୍ତଙ୍କ ବ୍ୟତୀତ ଅଧିନାୟକ ଶୁଭମନ ଗିଲ୍ ଶତକ ହାସଲ କରି ତାଙ୍କ ସହିତ ଖେଳୁଛନ୍ତି। ଗିଲ୍ ଏପର୍ଯ୍ୟନ୍ତ ୧୨୭ ରନ କରିଛନ୍ତି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଟିମ୍ ଇଣ୍ଡିଆର ସ୍କୋର ତିନି ୱିକେଟ୍ ବିନିମୟରେ ୩୫୯ ରନ।

## ବକ୍ସ ଅଫିସ ଭଲ କଲେକ୍ସନ କରୁଛି 'କୁବେରା'



ମୁମ୍ବାଇ, ୨୧।୬ (ହି.ସ): ସାଉଥ ସୁପରଷ୍ଟାର ନାଗାର୍ଜୁନଙ୍କ ଅଭିନୀତ ବହୁ ପ୍ରତୀକ୍ଷିତ ଫିଲ୍ମ 'କୁବେରା' ରିଲିଜ ହୋଇଯାଇଛି। ଫିଲ୍ମରେ ନାଗାର୍ଜୁନଙ୍କ ବ୍ୟତୀତ ଧନୁଷ, ରଶ୍ମିକା ମନ୍ଦାନା ଏବଂ ଜିମ୍ ସର୍ବ ନଜର ଆସିଛନ୍ତି। ଫିଲ୍ମଟି ବିଭିନ୍ନ ପ୍ଲାଟଫର୍ମରେ ଚଳଚ୍ଚିତ୍ରଟି ଦୃଢ଼ ରେଟିଂ ପାଉଛି। ସାକନିକଙ୍କ ଅନୁସାରେ, ପ୍ରାରମ୍ଭିକ ଆକଳନ ଅନୁସାରେ ପ୍ରଥମ ଦିନରେ ଘରୋଇ ବଜାରରେ 'କୁବେର' ୧୩କୋଟି ଟଙ୍କାର ମୋଟ୍ କଲେକ୍ସନ କରିଛି। ଚଳଚ୍ଚିତ୍ରଟି ନିର୍ଦ୍ଦେଶକ ଶେଖର କମ୍ମୁଲାଙ୍କ ପୂର୍ବ ଚଳଚ୍ଚିତ୍ର ଲଭ୍ ଷ୍ଟୋରୀ ଅପେକ୍ଷା ଭଲ ପ୍ରଦର୍ଶନ କରିଛି। ଏହି ଫିଲ୍ମ କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ଭଲ ପ୍ରଦର୍ଶନ କରୁଛି। 'କୁବେରା' ଆମେରିକୀୟ ବିତରକ ପ୍ରଥୟାଙ୍ଗିରା ସିନେମାସ୍ ଅନୁଯାୟୀ, ଉତ୍ତର ଆମେରିକାରେ ଫିଲ୍ମଟି ପ୍ରଭାବଶାଳୀ ପ୍ରଦର୍ଶନ କରୁଛି। ସେମାନଙ୍କର ଅପଡେଟ୍ ଅନୁସାରେ, ଏପର୍ଯ୍ୟନ୍ତ 'କୁବେରା' ଉତ୍ତର ଆମେରିକାରେ ୯୦୦କେ ଆୟ କରିସାରିଛି। 'କୁବେରା' ସହ ଆମୀର ଖାନଙ୍କ 'ସୀତାରେ ଜମିନ୍ ପର' ଏକାସାଙ୍ଗେ ରିଲିଜ ହୋଇଥିବା ବେଳେ ବକ୍ସ ଅଫିସରେ କଡା ଟକ୍କର ଦେଖିବାକୁ ମିଳିଛି। ଉଭୟ ଭିନ୍ନ କାହାଣୀକୁ ଲୋକେ ପସନ୍ଦ କରିଛନ୍ତି ଏବଂ ମିଶ୍ରିତ ପ୍ରତିକ୍ରିୟା ଦେଉଛନ୍ତି। ସୀତରେ ଜମିନ ପର ପ୍ରଥମ ଦିନରେ ୧୧ କୋଟି ଆୟ କରିଛି। ଯେତେବେଳେ କି କୁବେର ୧୩ କୋଟି। ବର୍ତ୍ତମାନ ୱିକେଣ୍ଡରେ ଉଭୟ ଫିଲ୍ମ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ରିଲିଜ ଦିନ, ଧନୁଷ ଏବଂ ତାଙ୍କ ପୁଅ ଲିଙ୍ଗା ଚେନ୍ନାଇର ରୋହିଣୀ ସିଲଭର ସ୍କ୍ରିନରେ ଫିଲ୍ମଟି ଦେଖିଥିଲେ। ଅନଲାଇନରେ ପ୍ରକାଶିତ ଭିଡିଓଗୁଡ଼ିକରେ, ଧନୁଷ ଭାବପ୍ରବଣ ହୋଇଥିବା ନଜର ଆସିଛନ୍ତି। ଗୋଟିଏ ଭିଡିଓରେ ତାଙ୍କ ଝଲକ ଦେଖିବାକୁ ଫ୍ୟାନ୍ସଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ଏହି ସମୟରେ, ତାଙ୍କ ସୁରକ୍ଷା କର୍ମୀମାନେ ଭିଡ଼ ନିୟନ୍ତ୍ରଣ କରୁଥିବା ନଜର ଆସିଛନ୍ତି। 'କୁବେରା' ବିଷୟରେ କହିବାକୁ ଗଲେ, ସୁନୀଲ ନାରଙ୍ଗ ଏବଂ ପୁସ୍କର ରାମ ମୋହନ ରାଓଙ୍କ ଦ୍ୱାରା ପ୍ରଯୋଜିତ ଏବଂ ସୋନାଲ ନାରଙ୍ଗଙ୍କ ଦ୍ୱାରା ପ୍ରଯୋଜିତ, ଏହି ଫିଲ୍ମରେ ଦେବୀ ଶ୍ରୀ ପ୍ରସାଦଙ୍କ ସଙ୍ଗୀତ ରହିଛି। 'କୁବେର' ପାୱାର ଏବଂ ଟଙ୍କା ଉପରେ ଆଧାରିତ। ଏହା ଶେଖର କମୁଲାଙ୍କ ଦ୍ୱାରା ନିର୍ଦ୍ଦେଶିତ।

## ବ୍ରାଡମ୍ୟାନଙ୍କୁ ପଛରେ ପକାଇ ବିଶ୍ୱ ରେକର୍ଡ କଲେ ଯଶସ୍ୱୀ ଜୈସୱାଲ



ନୂଆଦିଲ୍ଲୀ, ୨୧।୬ (ହି.ସ): ଭାରତୀୟ କ୍ରିକେଟ ପାଇଁ ଶୁକ୍ରବାର ବେଶ ଐତିହାସିକ ରହିଥିଲା। କାରଣ ଶୁବମନ ଗିଲଙ୍କ ଟେଷ୍ଟ ଯୁଗର ଆରମ୍ଭ ଶୁଭ ହୋଇଛି। ନିଜେ ଗିଲ ଅପରାଜିତ ୧୨୭ ରନର ଇନିଂସ ଖେଳିଥିବା ବେଳେ ଯଶସ୍ୱୀ ଜୈସୱାଲଙ୍କ ବ୍ୟାଟରୁ ମଧ୍ୟ ଶତକ ବାହାରିଛି। ସେହିପରି ଭାରତୀୟ ଟେଷ୍ଟ ଟିମର ଉପ ଅଧିନାୟକ ଋଷଭ ପନ୍ତ ମଧ୍ୟ ଦମଦାର ଇନିଂସ ଖେଳିଛନ୍ତି। ଏହି ସବୁ ଇନିଂସ ଯୋଗୁ ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚର ପ୍ରଥମ ଦିନରେ ଭାରତ ୩ ୱିକେଟ ହରାଇ ୩୫୯ ରନ କରି ନେଇଛି। ଲିଡ୍ସରେ ପ୍ରଥମ ଦିନରେ ଏତେ ସ୍କୋର କରିବାରେ ମଧ୍ୟ ଭାରତର ନୂଆ ରେକର୍ଡ କରିଛି। ଇଂଲିଶ ମାଟିରେ ପ୍ରଥମ ଦିନରେ ଭାରତ ପୂର୍ବରୁ କେବେ ହେଲେ ବି ଏତେ ରନ କରି ନଥିଲା। ଜୈସୱାଲ ୧୫୯ ବଲରେ ୧୦୧ ରନ କରି ଆଉଟ ହେବା ପରେ ଅଧିନାୟକ ଗିଲ ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ। ସେ ମଧ୍ୟ ପ୍ରଥମ ଦିନରେ ଅପରାଜିତ ୧୨୭ ରନ କରିଛନ୍ତି। ଜୈସୱାଲ ତାଙ୍କ ଶତକୀୟ ଇନିଂସରେ ୧୬ଟି ଚୌକା ଓ ଗୋଟିଏ ଛକା ଏବଂ ଗିଲ ଅପରାଜିତ ୧୨୭ ରନର ଇନିଂସରେ ମଧ୍ୟ ୧୬ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ପନ୍ତ ଅଧିନାୟକ ଗିଲଙ୍କୁ ଭରପୂର ସାଥ ଦେଇ ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ହେବା ଯାଏ ଆଉଟ ହୋଇ ନାହାନ୍ତି। ସେ ୧୦୨ ବଲରେ ୬୫ ରନର ଇନିଂସ ଖେଳିଛନ୍ତି। ଗିଲ ଓ ପନ୍ତ ୪ର୍ଥ ୱିକେଟ ପାଇଁ ଅପରାଜି ୧୩୮ ରନର ଭାଗିଦାରୀ କରିଛନ୍ତି। ଏହି ଇନିଂସ ଭିତରେ ଗିଲ ୨ ହଜାର ଓ ପନ୍ତ ୩ ହଜାର ଟେଷ୍ଟ ରନ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଇଂଲିଶ କଣ୍ଡିଂସନରେ ନୂଆ ବଲରେ ଭାରତ ପାଇଁ ଭଲ ମୂଳଦୁଆ ପକାଇଥିବା ଜୈସୱାଲ ଚା' ପାନ ବରିତି ପରେ ବେନ ଷ୍ଟୋକ୍ସଙ୍କ ବଲରେ ଆଉଟ ହୋଇଥିଲେ। କିନ୍ତୁ ଆଉଟ ହେବା ପୂର୍ବରୁ ଇଂଲିଶ ମାଟିରେ ସେ ଶତକ ମାରି ସାରିଥିଲେ। ଇଂଲଣ୍ଡ ବିପକ୍ଷ ୧୦ଟି ଇନିଂସରେ ଏବେ ଜୈସୱାଲ ୮୧୩ ରନ କରି ସାରିଲେଣି। ତାଙ୍କ ବ୍ୟାଟିଂ ହାର ୯୦.୩୩ ରହିଛି। ଏହି ଇନିଂସ ପରେ ସେ କିମ୍ବଦନ୍ତୀ କ୍ରିକେଟର ଡନ ବ୍ରାଡମ୍ୟାନଙ୍କୁ ପଛରେ ପକାଇ ଦେଇଛନ୍ତି। ଏଯାଏ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ବ୍ରାଡମ୍ୟାନଙ୍କ ବ୍ୟାଟିଂ ହାର (ଅତିକମରେ ୫୫୦ ରନ) ସବୁଠାରୁ ଅଧିକ ରହିଥିଲା। ବ୍ରାଡମ୍ୟାନ ଇଂଲଣ୍ଡ ବିପକ୍ଷ ୬୩ ଇନିଂସରେ ୫୦୨୮ ରନ କରିଥିଲେ। ତାଙ୍କ ବ୍ୟାଟିଂ ହାର ୮୯.୭୮ ରହିଥିଲା। କିନ୍ତୁ ଜୈସୱାଲ ୯୦ ହାରରେ ଇଂଲଣ୍ଡ ବିପକ୍ଷରେ ରନ କରିଥିବାରୁ ବ୍ରାଡମ୍ୟାନଙ୍କ ବିଶ୍ୱ ରେକର୍ଡକୁ ସେ ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି।

## ନିୟମ ଉଲଂଘନର ଅଭିଯୋଗ ପରେ ମନ୍ନତରେ ଯାଞ୍ଚ ପାଇଁ ପହଞ୍ଚିଲା ବିଏମସି



ମୁମ୍ବାଇ, ୨୧।୬ (ହି.ସ): ବଲିଉଡ ସୁପରଷ୍ଟାର ଶାହରୁଖ ଖାନଙ୍କ ବିଳାସପୂର୍ଣ୍ଣ ବଙ୍ଗଳା ମନ୍ନତର କିଛି ଦିନ ହେଲାଣି ନବୀକରଣ ଚାଲିଛି। କିନ୍ତୁ ଏବେ ମନ୍ନତର ନବୀକରଣ କାମ ଅଟକିପାରେ ବୋଲି କୁହାଯାଉଛି। ବଙ୍ଗଳାର ନବୀକରଣରେ ଉପକୂଳ ନିୟନ୍ତ୍ରଣ ଅଞ୍ଚଳ (ସିଆରଜେଡ) ନିୟମ ଉଲ୍ଲଂଘନ ହେଉଥିବା ନେଇ ବିଏମସିରେ ଅଭିଯୋଗ କରାଯାଇଛି। ଅଭିଯୋଗ ହେବା ପରେ ଏହାର ଯାଞ୍ଚ ପାଇଁ ବିଏମସି ତାଙ୍କ ବଙ୍ଗଳାରେ ପହଞ୍ଚିଥିବା ସାମ୍ନାକୁ ଆସିଛି। ସୂଚନା ମୁତାବକ, ଶାହରୁଖ ଖାନଙ୍କ ବଙ୍ଗଳା ମନ୍ନତ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ସମୁଦ୍ର କୂଳରେ ଅବସ୍ଥିତ। ଏପରି ପରିସ୍ଥିତିରେ, ସିଆରଜେଡ ନିୟମ ଉଲ୍ଲଂଘନ ଅଭିଯୋଗ ପାଇବା ପରେ ବିଏମସି ଟିମ୍ ଜୁନ୍ ୨୦ରେ ଶାହରୁଖ ଖାନଙ୍କ ବଙ୍ଗଳା ମନ୍ନତ ପରିଦର୍ଶନ କରି ନିୟମ ଉଲ୍ଲଂଘନ କରାଯାଇଛି କି ନାହିଁ ତାହାର ଯାଞ୍ଚ କରିଥିଲେ। ଜଣେ ବନ ବିଭାଗର ଅଧିକାରୀ ଶାହରୁଖ ଖାନଙ୍କ ବାସଭବନରେ ହୋଇଥିବା ଯାଞ୍ଚକୁ ନିଶ୍ଚିତ କରି କହିଛନ୍ତି, ନିୟମ ଉଲଂଘନ ନେଇ ଅଭିଯୋଗ ପାଇବା ପରେ ଏକ ଦଳ ଯାଞ୍ଚ କରିବାକୁ ପହଞ୍ଚିଥିଲା। ଯାଞ୍ଚରୁ କ'ଣ ମିଳିଲା ତାହାର ଏକ ରିପୋର୍ଟ ପ୍ରସ୍ତୁତ କରାଯିବ ଏବଂ ଶୀଘ୍ର ଦାଖଲ କରାଯିବ। ଅନ୍ୟପକ୍ଷରେ ଶାହରୁଖ ଖାନଙ୍କ ମ୍ୟାନେଜର କହିଛନ୍ତି ଯେ, କୌଣସି ଅଭିଯୋଗ ହୋଇନାହିଁ। ସମସ୍ତ କାମ ନିର୍ଦ୍ଦେଶାବଳୀ ଅନୁସାରେ ଚାଲିଛି।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik